ବର୍ଷ-୨୫, ସଂଖ୍ୟା-୪୯
ଭୁବନେଶ୍ୱର
୧୯, ଫେବୃଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 49
Bhubaneswar
19 February, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୧୨ ବର୍ଷ ଧରି
ଏକାକୀୟ ଜନ୍ମଦିନସ
ପାଳନ

## ରାତି ୧୦ ରେ ଉଠିବ ଲିଙ୍ଗରାଜଙ୍କ ମହାଦୀପ

**ଭୁବନେଶ୍ୱର, ୧୮।୨ (କେଏନଏସ)** :ଆସନ୍ତା ୨୬ରେ ଲିଙ୍ଗରାଜଙ୍କ ଜାଗର ଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୨୬ ତାରିଖ ହେବ ଜାଗର। ଭୋର୍ ୩ଟାରୁ ରାତି ସାଢ଼େ ୧୧ଟା ଓ ରାତି ସାଢ଼େ ୧୧ଟାରୁ ପରଦିନ ସକାଳ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ଲିଙ୍ଗରାଜଙ୍କ ନୀତିକାନ୍ତି ବି ସ୍ଥିର ହୋଇଛି। ଲିଙ୍ଗରାଜଙ୍କ ଜାଗରକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଓ ଭକ୍ତଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯିବ। ଭକ୍ତମାନେ ଯେମିତି ବିନା ସମସ୍ୟାରେ ଲିଙ୍ଗରାଜଙ୍କୁ ଦର୍ଶନ କରିପାରିବେ, ତା ଉପରେ ବୈଠକରେ ଫୋକସ୍ କରାଯାଇଛି। ଆସନ୍ତା ୨୬ ତାରିଖରେ ମହାଶିବରାତ୍ରୀୟ ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଉତ୍ସବ ପାଇଁ ରାତି ୧୦ଟାରେ ଉଠିବ ମହାଦୀପ। ସ୍ୱତନ୍ତ୍ର ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସମନ୍ୱୟ କମିଟି ବୈଠକରେ ସର୍ବସମତି କ୍ରମେ ନିଷ୍ପତି ନିଆଯାଇଛି। ଏହି ଉପଲକ୍ଷେ ଲିଙ୍ଗରାଜ ମନ୍ଦିରରେ ମୁତୟନ ହେବ ୪୦ପ୍ଲାଟୁନ ଫୋର୍ସ ପୋଲିସ। ମନ୍ଦିର ସେବାୟତ ଏବଂ ଭିଆଇପିମାନଙ୍କ ନିମନ୍ତେ ପୃଥକ ଦ୍ୱାର ବ୍ୟବହାର କରାଯିବ। ୨୬ ତାରିଖ ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଜୋତା ଷ୍ଟାଣ୍ଡ, ଭକ୍ତ ଶ୍ରଦ୍ଧାଳୁ ମାନେ ଯେପରି ବିନା ଦ୍ୱିଧାରେ ଧାଡ଼ିରେ ଯାଇ ପ୍ରଭୁଙ୍କୁ ଦର୍ଶନ କରିବେ ସେ ଉପରେ ଦୃଷ୍ଟି ଦିଆଯାଇଛି।

## ରଣବୀର ଆହ୍ଲାବାଦିଆଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୧୮।୨:** କମେଡିଆନ ସମୟ ରାଇନାଙ୍କ ସୋ 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍'ରେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆଙ୍କ ବିରୋଧରେ ହୋଇଥିବା ଏକାଧିକ ମାମଲାର ସୁପ୍ରିମ୍‌କୋର୍ଟ ଆଜି ଶୁଣାଣି କରିଛନ୍ତି। ରଣଭୀରଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଛନ୍ତି କୋର୍ଟ। ତେବେ ତାଙ୍କ ଏଭଳି ମନ୍ତବ୍ୟକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏଭଳି ମାନସିକତା ଥିବା ଲୋକର କଥା ଶୁଣିବୁ କାହିଁକି ବୋଲି କୋର୍ଟ ରଣଭୀରଙ୍କ ଓକିଲଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ୟୁଟ୍ୟୁବର ରଣଭୀର ଆଲ୍ଲାବାଦିଆଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ଗିରଫଦାରୀରୁ ସୁରକ୍ଷା ଦେବା ସହ 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍' ଶୋ ଉପରେ ରୋକ୍ ଲଗାଇଲେ ସର୍ବୋଚ୍ଚ ଅଦାଲତ। ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବା ସହ ଦେଶ ଛାଡ଼ି ନଯିବାକୁ ନିର୍ଦ୍ଦେଶ ରଣବୀରଙ୍କ ପାସପୋର୍ଟ ଜବତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

ମାମଲାର ଶୁଣାଣି ସମୟରେ ପିତା, ମାତାଙ୍କୁ ନେଇ ରଣବୀର ଆହ୍ଲାବାଦିଆ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରବଳ ବର୍ଷିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଭାବକ ମାନଙ୍କ ପ୍ରତି ଏଭଳି ବିକୃତ ମାନସିକତା ରହିଥିବା ଲୋକଙ୍କ କଥା ଆମେ କାହିଁକି ଶୁଣିବୁ ବୋଲି କଡ଼ା ସ୍ୱରରେ ପ୍ରଶ୍ନ କରିଛନ୍ତି କୋର୍ଟ। କମେଡିଆନ ସମୟ ରାଇନାଙ୍କ ସୋ 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍'ରେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ସୋସିଆଲ୍ ମିଡିଆ। ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ଦାୟର କରାଯାଇଥିଲା ଏକାଧିକ ମାମଲା। ଏସବୁ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆହ୍ଲାବାଦିଆ। ଯାହା ଉପରେ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ଶୁଣାଣୀ କରାଯାଇଛି। ଶୁଣାଣି ସମୟରେ ପିତା-ମାତାଙ୍କ ଉପରେ ଅଶ୍ଳୀଳ ମନ୍ତବ୍ୟକୁ ରଣବୀର ଆହ୍ଲାବାଦିଆଙ୍କୁ କୋର୍ଟଙ୍କ ସମାଲୋଚନା। ଏଭଳି ଲୋକଙ୍କ ବିକୃତ ମାନସିକତା ସମଗ୍ର ସମାଜକୁ ଲଜ୍ଜିତ କରିଛି। ଲୋକପ୍ରିୟ ହେବାର ଅର୍ଥ ନୁହେଁ ଆପଣ କିଛି ବି ମନ୍ତବ୍ୟ ଦେଇପାରିବେ। ଏଭଳି ବିବୃତ୍ତି ସମାଜ ପାଇଁ ଅଶ୍ଳୀଳତା ନୁହେଁ ତ ଆଉ କଣ ? ଏଭଳି ମନ୍ତବ୍ୟ ସମାଜର ସବୁ ବାପା, ମା'ଙ୍କ ମନରେ ଆଘାତ ପହଞ୍ଚାଇଛି। ତୁମର ଭାଷା ଅପମାନଜନକ ଏବଂ ଆପତ୍ତିଜନକ ଥିଲା। ତୁମେ ଯାହା କହିବ, ସମାଜ ସେସବୁକୁ କିପରି ଗ୍ରହଣ କରୁଛି ଦେଖିବା ଉଚିତ। କଳାକାର ମାନେ ନିଜର ମତ, ମନ୍ତବ୍ୟ ଉପରେ ଶାଳୀନତା ରଖନ୍ତୁ। ଲୋକପ୍ରିୟତା ଅଛି ବୋଲି, ଯାହା ଚାହିଁବ ତାହା କହିପାରିବ ନାହିଁ।

ପିତା, ମାତାଙ୍କୁ ନେଇ ଦେଇଥିବା ମନ୍ତବ୍ୟକୁ ନେଇ ସାରା ଦେଶରୁ ସମାଲୋଚନାର ଶିକାର ହେଉଛନ୍ତି ୟୁଟ୍ୟୁବର ରଣବୀର ଆହ୍ଲାବାଦିଆ। ଏଭଳି ଘଟଣାକୁ ନେଇ ରଣବୀରଙ୍କୁ ବିଭିନ୍ନ ଆଡୁ ହତ୍ୟା ଧମକ ଆସିବାରେ ଲାଗିଛି। କେହି କେହି ତାଙ୍କ ଅଶ୍ଳୀଳ ମନ୍ତବ୍ୟ ପାଇଁ ତାଙ୍କ ଜିଭ କାଟିଲେ ୫ଲକ୍ଷ ଟଙ୍କା ଯାଏ ପୁରସ୍କାର ଦେବାକୁ ଘୋଷଣା କରିଥିବା କୋର୍ଟରେ କହିଛନ୍ତି ରଣଭୀରଙ୍କ ଓକିଲ। ଏଭଳି ମନ୍ତବ୍ୟ ତାଙ୍କୁ ବ୍ୟକ୍ତିଗତ ଭାବେ ଆଘାତ ଦେଇଥିବା କହିଛନ୍ତି ରଣବୀରଙ୍କ ଓକିଲ।

## କେନ୍ଦ୍ର ବଜେଟରୁ ଓଡିଶା ସବୁ କ୍ଷେତ୍ରରେ ଲାଭାନ୍ୱିତ ହେବ : ଗିରିରାଜ

**ଭୁବନେଶ୍ୱର, ୧୮।୨ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ କେବଳ ଏକ ବଜେଟ ନୁହେଁ ବରଂ ଦଶ ବର୍ଷର ଶାସନର ରିପୋର୍ଟ କାର୍ଡ । ଏହି ବଜେଟରେ ସବୁ କ୍ଷେତ୍ର ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି । ଓଡିଶା ବିଭିନ୍ନ କ୍ଷେତ୍ରରେ ଏହି ବଜେଟ ଦ୍ୱାରା ଲାଭାନ୍ୱିତ ହେବ ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ପ୍ରକାଶ କରିଛନ୍ତି ।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି । ଏହି ଅବସରରେ ପାର୍ଟୀର ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ । ସେ କହିଛନ୍ତି ଯେ, ୧୬ ଲକ୍ଷ କୋଟିରୁ ୨୦୧୪ରେ ବଜେଟ ଆରମ୍ଭ ହୋଇଥିଲା । ୨୦୨୫-୨୬ରେ ୫୧ ଲକ୍ଷ କୋଟିର ବଜେଟ ହୋଇଛି । ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ ଟିକସ ମୁକ୍ତ ହୋଇଛି । କୃଷକ ମାନଙ୍କୁ ୫ ଲକ୍ଷ ଟଙ୍କା କ୍ରେଡିଟ କାର୍ଡରେ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ ୨୯ ଲକ୍ଷ ଘର ଗୁଡ଼ିକୁ ସଂପୂର୍ଣ୍ଣ କରାଯାଇଛି । ଏହା କେବଳ ବଜେଟ ମୋଦି ସରକାରଙ୍କ ୧୦ ବର୍ଷ ଶାସନର ରିପୋର୍ଟ କାର୍ଡ । ୪୧ ହଜାର କିମି ସଡ଼କ ତିଆରି ହେବ । ଜଳ ଜୀବନ ମିଶନର ୭୧ ପ୍ରତିଶତ । ଜନମନ ଯୋଜନାରେ ଓଡ଼ିଶାର ୨୪ ପ୍ରତିଶତ ଲୋକଙ୍କୁ ସ୍ୱୀକୃତି ଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଯାଏଁ ସହାୟତା ମିଳିବ । ଭିତ୍ତିଭୂମି କ୍ଷେତ୍ରରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଗରୁ କେବଳ ୩ଟି ମେଡିକାଲ କଲେଜ ଥିଲା । ମୋଦି ସରକାର ଆସିବା ପରେ ୭ଟି ମେଡିକାଲ କଲେଜ ପ୍ରତିଷ୍ଠା ହେଲା । ଆଗାମୀ ଦିନରେ ସବୁ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ୍ ସ୍ଥାପିତ ହେବ ।

## ବେଆଇନ କାରବାରକୁ ରୋକାଯିବ : ମନ୍ତ୍ରୀ

**ଭୁବନେଶ୍ୱର, ୧୮।୦୨(ମହାଭାରତ):** ପୂର୍ବରୁ ଚାଲିଆସୁଥିବା ବହୁ ବେଆଇନ ମଦ କାରବାରକୁ ରୋକିବା ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାରେ ଆମେ ସକ୍ଷମ ହୋଇପାରିଛେ । ତେବେ ଏହି ଧାରା ଆଗାମୀ ଦିନରେ ଆହୁରି ଦ୍ରୁତତର ହେବା ସହ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସଂପୂର୍ଣ୍ଣ ରୂପେ ରୋକିବା ପାଇଁ ଆଇନରେ ପରିବର୍ତ୍ତନ ଆସିବ ଏବଂ ନୂଆ। ଅବକାରୀ ନୀତିରେ ତାହା ପ୍ରତିଫଳିତ ହେବ। ତେଣୁ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଦକ୍ଷତାକୁ ବୃଦ୍ଧି କରି ରାଜ୍ୟର ସୁନାମ ବାଢ଼ିବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଅବକାରୀ ଜିଲ୍ଲା ଅଧୀକ୍ଷକମାନଙ୍କ ସହ ଆଲୋଚନା କରିବା ସହ ଜିଲ୍ଲାୱାରୀ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମଲା ସଂଖ୍ୟା, ମହୁଲ ଫୁଲ ବିକ୍ରୟ ଏବଂ ଅନ୍ୟ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ସ୍ଥିତି ଏବଂ ଜବତ ଗାଡ଼ିର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ବିଭାଗରେ ଖାଲିଥିବା ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଆରମ୍ଭ ସହ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ଆବଶ୍ୟକୀୟ ତାଲିମ୍ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ। ଏଥିସହିତ ବିଭିନ୍ନ ଜିଲ୍ଲାରେ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ଓ ଡିପୋର ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର, ଅବାକରୀ କମିଶନର ଶ୍ରୀ ନରସିଂହ ଭୋଳ, ଓଏସ୍‌ବିସି ଏମ୍.ଡି ଅମ୍ବର କର ଏବଂ ଓଏସ୍‌ବିସି ଜି.ଏମ୍ ସଞ୍ଜୟ କୁମାର ରାଉତଙ୍କ

## କିଟ୍ ମାମଲାରେ ହେବ ଉଚ୍ଚ ସ୍ତରୀୟ ତଦନ୍ତ

**ଭୁବନେଶ୍ୱର, ୧୮।୨(ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଆଜି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ରବିବାର ରାତିରେ ନେପାଳର ନିବାସୀ ତଥା ଇଂଜିନିୟରିଂ ଛାତ୍ରୀ ପ୍ରକୃତି ଲାମ୍‌ସା(୧୯)ଙ୍କ ମୃତ୍ୟୁ ହେବା ଓ ପରବର୍ତୀ ସମୟରେ ନେପାଳର ଛାତ୍ରଛାତ୍ରୀ ମାନଙ୍କୁ କ୍ୟାମ୍ପସରୁ ବାହାର କରି ଦିଆଯିବା ଆଦି ମାମଲାକୁ ନେଇ ନେଇ ରାଜ୍ୟ ସରକାର ଆଜି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଜଣେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏହି କମିଟି ଘଟଣାର ତଦନ୍ତ କରିବ। ଏହି କମିଟିରେ ଗୃହ ବିଭାଗର ପ୍ରମୁଖ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଓ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ମଧ୍ୟ ସାମିଲ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମ କର୍ମୀଙ୍କୁ ଏହି ସୂଚନା ଦେଇଛନ୍ତି।



ଶ୍ରୀ ସୂରଜ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କୁ ଘରୋଇ ସୁରକ୍ଷାକର୍ମୀ ମାଡ଼ ମାରିବାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ। ସମସ୍ତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ନେଇ ସରକାର ପ୍ରତିଶ୍ରୁତିବଦ୍ଧ। ନ୍ୟାୟ ଦେବା ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବେ। ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ଆଜି ସକାଳେ ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଘଟଣାର ତଦନ୍ତ କରାଯାଇଥିଲା। ଏହି ତଦନ୍ତ ବେଳେ ଯେଉଁ ତଥ୍ୟ ମିଳିଲା, ଏହି କଥାକୁ ଆହୁରି ପରୀକ୍ଷା ନିରୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଏଥି ପାଇଁ ଉଚ୍ଚସ୍ତରୀୟ କମଟି ଗଠନ କରାଯାଇଛି। କିଟ୍‌ରେ କେଉଁ କାରଣରୁ ସାଇନ୍ ଡାଏନ ଘୋଷଣା କରାଗଲା। ଏହା ପଛରେ କାରଣ କ'ଣ ରହିଛି ? ନେପାଳର ଛାତ୍ରଛାତ୍ରୀମାନଙ୍କୁ କାହିଁକି କଟକ ଷ୍ଟେସନରେ ଛଡ଼ାଗଲା ? ଏହି ନିଷ୍ପତ୍ତି ନେବା ପୂର୍ବରୁ କିଟ୍ କର୍ତ୍ତୃପକ୍ଷଙ୍କ ତରଫରୁ ଶିକ୍ଷା ବିଭାଗ ଓ ଗୃହ ବିଭାଗକୁ ଜଣାଯାଇ ନାହିଁ।

ମନ୍ତ୍ରୀ ସୂରଜ କହିଛନ୍ତି ଯେ ଏବେ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏବେ କିଟ୍ ପରିସରରେ ୧୦୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ପ୍ରାୟ ୧୦୦୦ ଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଛାତ୍ରଛାତ୍ରୀମାନଙ୍କୁ ମାନସିକ ରୂପେ ସାହସ ଫେରାଇ ଆଣିବାକୁ ସରକାର ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀମାନେ ଫେରିଲା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯେପରି କେ ?ଣସି ପ୍ରକାର ପ୍ରତିଶୋଧମୂଳକ ପଦକ୍ଷେପ ନନେବେ ସେଥି ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଉତ୍ତମ ବ୍ୟବସ୍ଥା ପାଇଁ କ'ଣ କରାଯାଇପାରିବ, ସେନେଇ ମଧ୍ୟ କୁହାଯାଇଛି। ପୂର୍ବର ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଆଶା କରୁଛୁ ଶିକ୍ଷାର ବାତାବରଣ ଫେରି ଆସିବ। ଅନ୍ୟପଟରେ ମୃତ ଛାତ୍ରୀଙ୍କର ପୋଷ୍ଟମର୍ଟମ ଏମ୍ସରେ ଶେଷ ହୋଇଛି। ଶବ ବ୍ୟବଚ୍ଛେଦ ବେଳେ ଭୁବନେଶ୍ୱର ଉପଜିଲ୍ଲାପାଳ ଉପସ୍ଥିତ ଥିଲେ। ସେହିପରି ଛାତ୍ରୀଙ୍କ ବାପା ଓ ଭାଇ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତାକାଲି ମୃତଦେହକୁ ବିମାନରେ ନେପାଳ ପଠାଯିବ।

## ବୃଦ୍ଧି ପାଇଛି ଜଙ୍ଗଲ ଜମି

**ଭୁବନେଶ୍ୱର, ୧୮।୨(ମହାଭାରତ)** : ଭାରତୀୟ ବନ ସର୍ଭେ ରିପୋର୍ଟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ଜଙ୍ଗଲ ଜମି ୪,୦୦୦ ବର୍ଗ କିଲୋମିଟରରୁ ଅଧିକ ବୃଦ୍ଧି ପାଇଛି ବୋଲି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ। ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗତ ଦୁଇ ଦଶନ୍ଧିରେ ୪୦୦ ରୁ ଅଧିକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ପ୍ରାୟ ୩୯,୦୮୪ ହେକ୍ଟର ଜଙ୍ଗଲ ଜମିର ବ୍ୟବହାରକୁ ଅନୁମୋଦନ କରିଛି।



ଗତ ୨୦ ବର୍ଷରେ ଓଡ଼ିଶାର ଜଙ୍ଗଲ ଜମିର ପରିମାଣ ଏବଂ ସେହି ସମୟ ମଧ୍ୟରେ ବିକାଶ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର ସମ୍ପର୍କରେ ଭାଜପା ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଖୁଣ୍ଟିଆଙ୍କ ସୂଚନା ଥିଲା। ଦୁଇ ଦଶନ୍ଧି ତଳେ ଓଡ଼ିଶାରେ କେତେ ଜଙ୍ଗଲ ଜମି ଥିଲା ଏବଂ ବର୍ତ୍ତମାନ ଏହାର ପରିମାଣ କେତେ, ପ୍ରକଳ୍ପ ପାଇଁ କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ କେତେ ଜଙ୍ଗଲ ଜମି ଦିଆଯାଇଛି, ଏହି ସମ୍ପର୍କିତ ତଥ୍ୟ ମାଗିବା ସମୟରେ ଦାସ ପଚାରିଥିଲେ। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ଡେରାଡୁନ-ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ପ୍ରତି ଦୁଇ ବର୍ଷରେ ଥରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳଗୁଡ଼ିକର ସାଟେଲାଇଟ୍-ଆଧାରିତ ସର୍ଭେ କରିଥାଏ। ୨୦୦୩ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୪୮,୩୬୬ ବର୍ଗ କିଲୋମିଟର ଜଙ୍ଗଲ ଜମି ଥିଲା ଯେତେବେଳେ ସଦ୍ୟତମ ଭାରତ ବନ ରାଜ୍ୟ ରିପୋର୍ଟରେ ପ୍ରକାଶ ପାଇଛି ଯେ ରାଜ୍ୟରେ ୫୨,୪୩୩.୫୬ ବର୍ଗ କିଲୋମିଟର ଜଙ୍ଗଲ ଜମି ଥିଲା। ସେ ଆହୁରି କହିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୧୯୮୦ ମସିହାର ବନ ସଂରକ୍ଷଣ (ସଂଶୋଧନ) ଆଇନ ଅନୁଯାୟୀ ୪୨୭ଟି ପ୍ରକଳ୍ପ ପାଇଁ ୩୯,୦୮୪.୮୩୦ ହେକ୍ଟର ଜଙ୍ଗଲ ଜମିକୁ ସ୍ଥାନାନ୍ତର କରିଛି। ୨୦୦୫-୨୦୨୪ ମଧ୍ୟରେ ବିକାଶ ଉଦ୍ଦେଶ୍ୟରେ ଜଙ୍ଗଲ ଜମି ବ୍ୟବହାର ସମ୍ପର୍କରେ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ପ୍ରକଳ୍ପ ପାଇଁ ସର୍ବାଧିକ ଜଙ୍ଗଲ ଜମି ପରିବର୍ତ୍ତନ ଦେଖାଯାଇଥିଲା (୩୮ଟି ପ୍ରକଳ୍ପ ପାଇଁ ୩,୯୨୦.୦୨୨ ହେକ୍ଟର)।

## 'ସୁଭଦ୍ରା ପ୍ଲସ୍'ରେ ଗରିବ ଝିଅଙ୍କ ବିବାହ

**ଭୁବନେଶ୍ୱର, ୧୮।୦୨(ମହାଭାରତ):** ସରକାର ମହିଳା ଏବଂ ଝିଅମାନଙ୍କ ପାଇଁ ଅନେକ ନୂତନ ପଦକ୍ଷେପ ସହିତ 'ସୁଭଦ୍ରା ପ୍ଲସ୍' ଆରମ୍ଭ କରିବେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ୍ ଉପସ୍ଥାପନ ବେଳେ ପ୍ରକାଶ କରିଥିଲେ। ଯାହା ଫଳରେ ସରକାର 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଂଚୟ', 'ସୁଭଦ୍ରା ସୁରକ୍ଷା', 'ସୁଭଦ୍ରା ସଖୀ', 'ସୁଭଦ୍ରା ଯାତ୍ରୀ', 'ସୁଭଦ୍ରା ସଂଘ' (କ୍ଲବ), 'କୁହ ସୁଭଦ୍ରା' (କଲ୍ ସେଣ୍ଟର), 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ସ୍କଲାର' ଏବଂ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂତନ ପଦକ୍ଷେପ ଅନ୍ତର୍ଭୁକ୍ତ କରିବେ। ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ମହିଳା ଏବଂ ଶିଶୁମାନଙ୍କ ପାଇଁ ୧୭,୯୯୮ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି।

## ପଞ୍ଚାୟତିରାଜ ବିଭାଗରେ ୨୮ କୋଟି ଦୁର୍ନୀତି

**ଭୁବନେଶ୍ୱର, ୧୮।୦୨(ମହାଭାରତ)** :୨୦୨୫-୨୬ ଆର୍ଥିକ ବର୍ଷର ବିଧାନସଭାରେ ଚାଲିଛି ବଜେଟ ଅଧିବେଶନ। ଏହିସମୟରେ, ମଙ୍ଗଳବାର ଗୃହରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏକ ବଡ଼ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୫ ବର୍ଷରେ ପଞ୍ଚାୟତିରାଜ ବିଭାଗରେ ବଡ଼ଧରଣର ଦୁର୍ନୀତି ହୋଇଛି। ଦାରିଦ୍ର୍ୟ ଦୂରୀକରଣ ନାଁରେ ୨୮ କୋଟି ୨୫ ଲକ୍ଷ ୪୩ ହଜାର ହରିଲୁଟ ହୋଇଥିବା ଗୃହରେ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି। ୨୦୨୧-୨୨ରେ ଆର୍ଥିକ ବର୍ଷରେ ୨୮୧୪ ମାମଲାରେ ୪ କୋଟି ୨୮ ଲକ୍ଷ ୧୬ ହଜାର ଦୁର୍ନୀତି ହୋଇଥିବା ବେଳେ ୨୦୨୨-୨୩ରେ ୩୮ଟି ମାମଲାରେ ୯କୋଟି ୧୭ ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି। ୨୦୨୩-୨୪ରେ ୨୦୩୮ ମାମଲା ୧କୋଟି ୮୬ ଲକ୍ଷ ୬୦ ହଜାର ହଡ଼ପ କରାଯାଇଥିବା ମନ୍ତ୍ରୀ ନାୟକ କହିଛନ୍ତି।

## ବର୍ଷକରେ ୮୧ ହାତୀଙ୍କ ମୃତ୍ୟୁ ଘଟିଛି

**ଭୁବନେଶ୍ୱର, ୧୮।୨(ମହାଭାରତ)** : ବିଧାନସଭାରେ ଚାଲିଛି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଅଧିବେଶନ। ଏହିସମୟରେ, ଆଜି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଉତ୍ତର ରଖି ବର୍ଷକରେ ହାରାହାରି ୮୧ ହାତୀ ମୃତ୍ୟୁବରଣ କରିଥିବା ସୂଚନା ଦେଇଛନ୍ତି। ହାତୀ ଶିକାର, ବିଦ୍ୟୁତ୍ ଆଘାତ ଭଳି ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ହେଉଛି। ୨୦୨୪ ହାତୀ ଗଣନା ଅନୁଯାୟୀ ରାଜ୍ୟରେ ୨୦୧୩ଟି ହାତୀ ରହିଥିବା ମନ୍ତ୍ରୀ କହିଛନ୍ତି।

## କଂଗ୍ରେସର 'ସଂକଳ୍ପ' ପଦଯାତ୍ରା

**ଭୁବନେଶ୍ୱର, ୧୮।୦୨(ମହାଭାରତ):** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶଙ୍ଖ, ହୁଳହୁଳି, ଓଡ଼ିଶୀ ନୃତ୍ୟ ଏବଂ ଆଧ୍ୟାତ୍ମିକ ପରିବେଶରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ସଂକଳ୍ପ ପଦଯାତ୍ରା କମିଟି ଅଧ୍ୟକ୍ଷ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ସାଗର ଦାସ, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ମିନାକ୍ଷୀ ବାହିନିପତି, ରଞ୍ଜିତ ପାତ୍ର, ୟାସିର ନୱାଜ, ଅମୀୟ ପାଣ୍ଡବ, ସୁବ୍ରତ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ମନୋଜ ଜେନା ଓ ଅନ୍ୟମାନେ ବିମାନ ବନ୍ଦରରେ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶା କଂଗ୍ରେସ ସେବା ଦଳର ଶହ ଶହ କର୍ମୀ କଂଗ୍ରେସ ପତାକା ଧରି ଏହି ସଂକଳ୍ପ ପଦଯାତ୍ରାରେ ଚାଲିଥିଲେ। ହସ୍ପିଟାଲ ଛକରେ ଶ୍ରୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କଂଗ୍ରେସ କର୍ମୀମାନେ ଶ୍ରୀ ଭକ୍ତ ଦାସଙ୍କୁ ସ୍ୱାଗତ କରିଥିଲେ।

ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତାପୁର ଛକ, ଉତରାଛକ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶିଶୁ ଭବନ ଛକ ଠାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସି.ଏସ୍. ରାଜନ ଏକ୍କା, ସୋଫିଆ ଫିର୍‌ଦୋଷ, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ଅଶୋକ ଦାସ, ଅପାଲ୍ଲା ସ୍ୱାମୀ କାଡ୍ରାକା ପ୍ରମୁଖ ବିଧାୟକ ମାନେ ଶ୍ରୀ ଦାସଙ୍କୁ ସ୍ୱାଗତ ଜଣାଇବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଭୁବନେଶ୍ୱର କୋର୍ଟ ସାମ୍ମୁଖରେ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବିମାନେ ଶ୍ରୀଯୁକ୍ତ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସାମନ୍ତାପୁର ଛକରେ ଏକାମ୍ର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁମାନେ ନବନିଯୁକ୍ତି ପିସିସି ସଭାପତି ଶ୍ରୀଦାସଙ୍କୁ ସ୍ୱାଗତ କରିଥିଲେ। ସେହିପରି ଲିଙ୍ଗିପୁର ଛକ ପୂର୍ବରୁ ଶତାଧିକ ସାଧାରଣ ଜନତା ସଂକଳ୍ପ ଯାତ୍ରାକୁ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଅପରାହ୍ନ ୩ ଘଟିକାରେ ସଂକଳ୍ପ ପଦଯାତ୍ରା ଲିଙ୍ଗିପୁର ଠାରେ ପହଂଚିଥିଲା।

ମଧ୍ୟାହ୍ନ ଭୋଜନ ପରେ ଚିତ୍ରକୁଣ୍ଡାର ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱରେ ନବରଙ୍ଗପୁରର ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଖିଳ ଭଦ୍ରା ବିଜେଡ଼ି ଦଳ ଛାଡ଼ି ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ବିଧିବଧ ଭାବରେ ଯୋଗ ଦେଇଥିଲେ। ହଜାର ହଜାର ସଂଖ୍ୟାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ ସାରି ପୁନଃର୍ବାର ଅପରାହ୍ନ ୫ ଘଟିକା ସମୟରେ ପିପିଲି ଅଭିମୁଖେ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ। ପିସିସି ସଭାପତିଙ୍କ ସହ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ। ଉତରାଛକ ଠାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ।

## ୨ ହଜାରରୁ ଉର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ

**ଭୁବନେଶ୍ୱର, ୧୮।୨ (ମହାଭାରତ):** ବିଧାନସଭାରେ ଚାଲିଛି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଅଧିବେଶନ। ଏହି ସମୟରେ, ମଙ୍ଗଳବାର ପୂର୍ବ ସରକାର ଉପରେ ବର୍ଷିଛନ୍ତି ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ସେ କହିଛନ୍ତି ଯେ, ପୂର୍ବ ସରକାର ଯୋଉ ଡିଣ୍ଡିମ ପିଟପୁଛନ୍ତି ଯେ, ଗତ ୨୫ ବର୍ଷ



ଭିତରେ ରାଜ୍ୟ ବହୁତ ଆଗକୁ ବଢିଛି ତାହା ସମ୍ପୂର୍ଣ୍ଣ ଭିତ୍ତି ହିନ। କାରଣ ତଥ୍ୟ ଆଉ କିଛି କହୁଛି । ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଏବେବି ରାଜ୍ୟର ୨ ହଜାରରୁ ଅଧିକ ଗାଁକୁ ରାସ୍ତା ନାହିଁ। ମୟୂରଭଞ୍ଜ ଜିଲ୍ଲାରେ ୫୮ ଗାଁକୁ ରାସ୍ତା ନାହିଁ, ହେଲେ କନଭରଜେନ୍ସ ଯୋଜନାର ରାସ୍ତା ପାଇଁ ବିଜେପି ସରକାର ବ୍ୟବସ୍ଥା କରିଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ।ପୂର୍ବରୁ ସିଏଫସି, ଏସଏଫସି, ଏମଏଲଏ ପାଣ୍ଠି, ଏମପି ପାଣ୍ଠି, ମନରେଗାରେ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ଥିଲା କିନ୍ତୁ ଚଳିତ ଥର ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଏଥିପାଇଁ ବ୍ୟବସ୍ଥା ରହିଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ୩୫ ପ୍ରତିଶତ ଅର୍ଥ ଗାଁ ରାସ୍ତା ନିର୍ମାଣରେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ରହିଛି। ସବୁ ଗାଁକୁ ଗମନାଗମନର ସୁବିଧା କରିବାକୁ ଗ୍ରାମସଭା ମାଧ୍ୟମରେ ଆସୁଥିବା ପ୍ରକଳ୍ପ ଗୁଡ଼ିକୁ ମଞ୍ଜୁର କରାଯିବ ବୋଲି କହିଛନ୍ତି ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମହାଲିଙ୍ଗ।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମ ଗରମ ଖାଇପାରିବେ।





### ····· ପରଦା ଖବର ·····

## ପ୍ରତୀକଙ୍କ ପରିବାରକୁ ଡକାନଯିବା ଉପରେ ପ୍ରତିକ୍ରିୟା ଦେଲେ ପତ୍ନୀ





ବଲିଉଡ ଅଭିନେତା ପ୍ରତୀକ ବବ୍ବର ଭାଲେଣ୍ଟାଇନ୍ ଡେ'ରେ ଦ୍ୱିତୀୟ ଥର ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। କିନ୍ତୁ ସେ ଏହି କାର୍ଯ୍ୟକ୍ରମରେ ତାଙ୍କ ପରିବାରକୁ ନିମନ୍ତ୍ରଣ କରିନଥିବା ସାମ୍ନାକୁ ଆସିଥିଲା। ତାଙ୍କ ବାପା ରାଜ୍ ବବ୍ବର, ସାବତ ଭାଇ ଆର୍ଯ୍ୟ ବବ୍ବର ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ବିବାହ ପାଇଁ ନିମନ୍ତ୍ରଣ କରାଯାଇନଥିବା ଜଣାପଡ଼ିଥିଲା।ଏବେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ଦ୍ୱିତୀୟ ପତ୍ନୀ ପ୍ରିୟା ବାନାର୍ଜୀୟ ସେ କହିଛନ୍ତି ଯେ, ବିବାହରେ ପରିବାରର କୌଣସି ସଦସ୍ୟ ଅନୁପସ୍ଥିତ ନଥିଲେ। ମୁଁ ଜାଣିନାହିଁ କାହିଁକି ଏଭଳି ଗୁଜବ ଉଠୁଛି ଯେ ପରିବାର ସଦସ୍ୟ ଅନୁପସ୍ଥିତ ଥିଲେ। ବିବାହରେ ଆମର ପରିବାର, ମୋ ବାପାମାଆ, ପ୍ରତୀକଙ୍କୁ ଲାଳନପାଳନ କରିଥିବା ତାଙ୍କ ମାଉସୀ, ତାଙ୍କ ଅଜା-ଆଈ ଏବଂ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ସେମାନେ ଉପସ୍ଥିତ ଥିଲେୟ ସମସ୍ତେ ଆମ ସହିତ ଥିଲେ। ଉଲ୍ଲେଖଯୋଗ୍ୟ, ବଲିଉଡ ଅଭିନେତା ରାଜ୍ ବବ୍ବର ପ୍ରଥମେ ନଦିରା ବବ୍ବରଙ୍କୁ ବିବାହ କରିଥିଲେ। ଏହା ପରେ ଦୁହେଁ ଆର୍ଯ୍ୟ ଓ ଜୁହି ବବ୍ବରଙ୍କ ମାତାପିତା ହୋଇଥିଲେ। ବିବାହର କିଛି ବର୍ଷ ପରେ ନଦିରାଙ୍କୁ ଧୋକା ଦେଇ ରାଜ୍ ଅଭିନେତ୍ରୀ ସ୍ମିତା ପାଟିଲଙ୍କ ପ୍ରେମରେ ପଡ଼ିଥିଲେ। ଏହା ପରେ ତାଙ୍କୁ ୧୯୮୩ରେ ବିବାହ କରିବା ସହ ୧୯୮୬ରେ ପ୍ରତୀକଙ୍କ ଜନ୍ମ ହୋଇଥିଲା। ହେଲେ ପ୍ରତୀକଙ୍କ ଜନ୍ମ ସମୟରେ ପ୍ରସବ ସମ୍ବନ୍ଧିତ ସମସ୍ୟା ହେବାରୁ ସ୍ମିତାଙ୍କ ମୃତ୍ୟୁ ହୋଇଥିଲା। ସ୍ମିତାଙ୍କ ମୃତ୍ୟୁ ପରେ ରାଜ୍ ପୁଣି ନିଜ ପ୍ରଥମ ପତ୍ନୀଙ୍କ ପାଖକୁ ଫେରିଯାଇଥିଲେ ଓ ପ୍ରତୀକ୍ ନିଜ ଅଜା-ଆଈଙ୍କ ସହ ରହିବା ଆରମ୍ଭ କରିଥିଲେ।ଯଦି ପ୍ରତୀକଙ୍କ କଥା କହିବା ତେବେ ପ୍ରିୟାଙ୍କ ପୂର୍ବରୁ ପ୍ରତୀକ୍ ୨୦୧୯ରେ ସାନ୍ୟା ସାଗରଙ୍କୁ ବିବାହ କରିଥିଲେ, କିନ୍ତୁ ୨୦୨୩ରେ ଉଭୟଙ୍କର ଛାଡପତ୍ର ହୋଇଥିଲା।

## ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା



ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା'ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।

## ସୁନେଲୀ ରଙ୍ଗର ତ୍ୱଚ୍ଚା ପାଇଁ



ସାଧାରଣତଃ ସୁନ୍ଦର ଓ ଚିକ୍କଣ ତ୍ୱଚ୍ଚା ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏଫ ଏଥିପାଇଁ ଲୋକେ ଅନେକ ଉପାୟ ଆପଣାଇ ଥାଆନ୍ତିଫ ହେଲେ କାହାକୁ ସୁଫଳ ମିଳେ ତ ପୁଣି ଆଉ କାହାର ବିଭିନ୍ନ ସାମଗ୍ରୀର ବ୍ୟବହାର କରିବା ଦ୍ୱାରା ପ୍ରତିକ୍ରିୟା ସୃଷ୍ଟି ହୋଇ ବିପରୀତ ଫଳ ମିଳିଥାଏ। ତେବେ ଏପରି କିଛି ଘରୋଇ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ତ୍ୱଚା ଉଜ୍ଜ୍ୱଳ ଓ ଚିକ୍କଣ ହୋଇଥାଏ। ଚାଲନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ:

ଯଦି ଆପଣଙ୍କ ତ୍ୱଚ୍ଚା ତେଲିଆ ଓ ମୁହଁରେ ବ୍ରଣ ହେଉଛି, ପାଚିଲା ଅମୃତଭଣ୍ଡା ବଟା, ଚନ୍ଦନ ପାଉଡର କିମ୍ବା ମୁଲତାନି ମାଟି, ମହୁକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବାଦ୍ୱାରା ଆପଣଙ୍କ ତ୍ୱଚ୍ଚାର ତେଲିଆ ପଣ କମିଯିବ, ବ୍ରଣ ସମସ୍ୟା ଦୂର ହେବ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯିବ। ମୁହଁ ପାଇଁ ମହୁ ଖୁବ୍ ଲାଭଦାୟକ ହୋଇଥାଏ। ମାତ୍ର ଗୋଟିଏ ବୁନ୍ଦା ମହୁ ଆଣି ସେଥିରେ ସାମାନ୍ୟ ଗୋଲାପ ଜଳ ମିଶ୍ରଣ କରି ତାହାକୁ ମୁହଁରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଲିସ କରନ୍ତୁ। ଦେଖିବେ ଆପଣଙ୍କ ମୁହଁ ସଫା ରହିବା ସହ ନରମ ମଧ୍ୟ ଲାଗିବ। ହଳଦୀ ମଧ୍ୟ ତ୍ୱଚା ପାଇଁ ବହୁତ ଉପକାରୀୟ ଆପଣ ସାମାନ୍ୟ ହଳଦୀଗୁଣ୍ଡ ହାତରେ ନିଅନ୍ତୁ। ସେଥିରେ ଟିକେ ମହୁ ଓ ପାଣି ମାଶାଇ ମିଶ୍ରଣ କରି ମୁହଁରେ ଲେପ ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଚେହେରାରେ ଔଜଲ୍ୟ ଆଣିଥାଏ। ଘରେ ଯଦି ମରା ନଡ଼ିଆ ତେଲ ଅଛି ତେବେ ଖୁବ୍ ଭଲ। ମରା ନଡ଼ିଆ ତେଲକୁ ମୁହଁରେ ଦୈନିକ ମାଲିସ୍ କରିବା ଦ୍ୱାରା ମୁହଁର ଚମକ ବଢ଼ିଥାଏ। ଦୈନିକ ଘିକୁଆଁରୀ ରସକୁ ମୁହଁରେ ଲଗାଇଲେ ତ୍ୱଚ୍ଚା ନରମ ହେବା ସହ ମୁହଁରେ ଥିବା ଧୂଳି କଣିକା ସବୁ ବାହାରି ଯାଇଥା'ନ୍ତି। ଏହା ଆମେ ସମସ୍ତେ ଜାଣନ୍ତି ଯେ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ବିଶେଷ କରି ତ୍ୱଚ୍ଚା ପାଇଁ ବହୁତ ଜରୁରୀ। ଯିଏ ଆବଶ୍ୟକ ମାତ୍ରାର ପାଣି ପିଅନ୍ତି ତାଙ୍କ ତ୍ୱଚ୍ଚା ଚିକ୍କଣ ହୋଇଥାଏ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚ୍ଚା ଚିକ୍କଣ ଦେଖାଯିବ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚମକିବ। କଲରା, ଲାଉ ଏବଂ ଗାଜର ରସ ପିଇବା ମଧ୍ୟ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଚା, କଫି କିମ୍ବା ଫାଷ୍ଟଫୁଡ୍ରୁ ନିଜକୁ ଦୂରେଇ ରଖନ୍ତୁୟ ମନେ ରଖନ୍ତୁ ଫାଷ୍ଟଫୁଡ୍ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ଗରମ ପାଣିରେ ମୁହଁକୁ ବାମ୍ଫ ଦିଅନ୍ତୁୟ ଫଳରେ ଆପଣଙ୍କ ମୁହଁରେ ଥିବା ଧୂଳିକଣିକା ବାହାରିଯିବ ଏବଂ ଆପଣଙ୍କ ମୁହଁ ପୂର୍ବପେକ୍ଷା ଉଜ୍ଜ୍ୱଳ ଦିଶିବୟ ଅତିକମରେ ସପ୍ତାହକୁ ଥରୁଟିଏ ଏହି ବାମ୍ଫ ଦିଅନ୍ତୁ। ଖରାରେ ଯାଉଥିଲେ ସନସ୍କ୍ରିନ ଲୋସନ ନିଶ୍ଚୟ ଲଗାନ୍ତୁ। ନଚେତ ସୂର୍ଯ୍ୟକିରଣ ମୁହଁରେ ବାଜି ମୁହଁର ଉଜ୍ଜ୍ୱଳତା ହ୍ରାସ ପାଇବା ସହ ଯୁବାପଣ କ୍ଷୟ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁୟ ଦୁଇ ଚାମଚ ଘିକୁଆଁରି, ଅଳ୍ପ ହଳଦୀଗୁଣ୍ଡ, ଏକ ଚାମଚ ଲେଖାଏଁ ମହୁ ଏବଂ କ୍ଷୀରକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚାର ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏୟ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଦୁଇ ତିନି ବୁନ୍ଦା ଅଲିଭ୍ ଅଏଲ୍ ନେଇ ମୁହଁରେ ମାଲିସ କରନ୍ତୁ। ମୁହଁରେ ଗୋଲାକାରରେ ତଳୁ ଉପରକୁ ୨-୩ ମିନିଟ୍ ମସାଜ କରିବା ପରେ ଏକ ଟାୱେଲକୁ ଉଷୁମ ପାଣିରେ ବୁଡାଇ ଚିପୁଡି ମୁହଁରେ ୩୦-୪୦ ସେକେଣ୍ଡ ପର୍ଯ୍ୟନ୍ତ ବାମ୍ଫ ଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ତ୍ୱଚାର ଶୁଷ୍କତା ଦୂର କରିବା ସହ ଉଜ୍ଜ୍ୱଳ ମଧ୍ୟ କରିଥାଏ।

## ଘର ସଜାଇବାର ଉପାୟ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଧିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେୟଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।



ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନିଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ। ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ। ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିବା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

# ଭୁବନେଶ୍ୱରରୁ ପୁରୀକୁ କଂଗ୍ରେସର 'ସଙ୍କଳ୍ପ' ପଦଯାତ୍ରା



**ଭୁବନେଶ୍ୱର, ୧୮।୨ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶଙ୍ଖ, ହୁଳହୁଳି, ଓଡ଼ିଶୀ ନୃତ୍ୟ ଏବଂ ଆଧ୍ୟାତ୍ମିକ ପରିବେଶରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ସଂକଳ୍ପ ପଦଯାତ୍ରା କମିଟି ଅଧକ୍ଷ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ସାଗର ଦାସ, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ମିନାକ୍ଷୀ ବାହିନିପତି, ରଞ୍ଜିତ ପାତ୍ର, ୟାସିର ନୱାଜ, ଅମୀୟ ପାଣ୍ଡବ, ସୁବ୍ରତ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ମନୋଜ ଜେନା ଓ ଅନ୍ୟମାନେ ବିମାନ ବନ୍ଦରରେ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶା କଂଗ୍ରେସ ସେବା ଦଳର ଶହ ଶହ କର୍ମୀ କଂଗ୍ରେସ ପତାକା ଧରି ଏହି ସଂକଳ୍ପ ପଦଯାତ୍ରାରେ ଚାଲିଥିଲେ। ହସ୍ପିଟାଲ ଛକରେ ଶ୍ରୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କଂଗ୍ରେସ କର୍ମୀମାନେ ଶ୍ରୀ ଭକ୍ତ ଦାସଙ୍କୁ ସ୍ୱାଗତ କରିଥିଲେ।

ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତାପୁର ଛକ, ଉତରାଛକ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶିଶୁ ଭବନ ଛକ ଠାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସି.ଏସ୍. ରାଜନ ଏକ୍କା, ସୋଫିଆ ଫିର୍‌ଦୋଷ, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ଅଶୋକ ଦାସ, ଅପାଲ୍ଲା ସ୍ୱାମୀ କାଡ୍ରାକା ପ୍ରମୁଖ ବିଧାୟକ ମାନେ ଶ୍ରୀ ଦାସଙ୍କୁ ସ୍ୱାଗତ ଜଣାଇବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଭୁବନେଶ୍ୱର କୋର୍ଟ ସାମ୍ନାରେ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବିମାନେ ଶ୍ରୀଯୁକ୍ତ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସାମନ୍ତାପୁର ଛକରେ ଏକାମ୍ର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁମାନେ ନବନିଯୁକ୍ତି ପିସିସି ସଭାପତି ଶ୍ରୀଦାସଙ୍କୁ ସ୍ୱାଗତ କରିଥିଲେ। ସେହିପରି ଲିଙ୍ଗିପୁର ଛକ ପୂର୍ବରୁ ଶତାଧିକ ସାଧାରଣ ଜନତା ସଂକଳ୍ପ ଯାତ୍ରାକୁ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଅପରାହ୍ନ ୩ ଘଟିକାରେ ସଂକଳ୍ପ ପଦଯାତ୍ରା ଲିଙ୍ଗିପୁର ଠାରେ ପହଂଚିଥିଲା। ମଧ୍ୟାହ୍ନ ଭୋଜନ ପରେ ଚିତ୍ରକୁଣ୍ଡାର ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱରେ ନବରଙ୍ଗପୁରର ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ବିଜେଡ଼ି ଦଳ ଛାଡ଼ି ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ବିଧିବଧ ଭାବରେ ଯୋଗ ଦେଇଥିଲେ। ହଜାର ହଜାର ସଂଖ୍ୟାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ ସାରି ପୁନଃର୍ବାର ଅପରାହ୍ନ ୫ ଘଟିକା ସମୟରେ ପିପିଲି ଅଭିମୁଖେ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ। ପିସିସି ସଭାପତିଙ୍କ ସହ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ। ଉତରାଛକ ଠାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ। ପିପିଲି ନିର୍ବାଚନ ଆରମ୍ଭ ପୂର୍ବରୁ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ନିରୁପମା ପାତ୍ର, ପିପିଲ ପଂଚାୟତ ସମିତିର ପୂର୍ବତନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ୫୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଶ୍ରୀଯୁକ୍ତ ଦାସଙ୍କ ଭବ୍ୟ ସମ୍ବର୍ଦ୍ଧନ କରିଥିଲେ। ଏହି ସଂକଳ୍ପ ପଦଯାତ୍ରା ୩ ଦିନ ଧରି ଚାଲିବ। ଭୁବନେଶ୍ୱର ବିମାନ ବନ୍ଦରରୁ ଆଜି ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ପିପିଲିରେ ରାତ୍ର ୮.୩୦ ମିନିଟ୍ ଘଟିକାରେ ପହଂଚିଥିଲା। ପିପିଲି ବଜାରରେ ସାଧାରଣ ଜନତା ଓ ବ୍ୟବସାୟ ସଂଘର ବହୁ କର୍ମକର୍ତା ରୁଣ୍ଡ ହୋଇ ବିରାଟ ପଟୁଆରକୁ ହାତ ହଲେଇ ସ୍ୱାଗତ କରିଥିଲେ। ସଂକଳ୍ପ ପଦଯାତ୍ରୀମାନେ ପିପିଲ ହାଟ ବଜାର କଲ୍ୟାଣ ମଣ୍ଡପ ଠାରେ ରାତ୍ରୀ ଯାପନ କରିବେ। ଶ୍ରୀଯୁକ୍ତ ଦାସ ଉତରାଛକ ଠାରେ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଫଳ ବଂଟନ କରିଥିଲେ। ଆସନ୍ତାକାଲି ସକାଳ ୮.୩୦ ମିନିଟ୍‌ରେ ପୁନଶ୍ଚ ପିପିଲିରୁ ଦ୍ୱିତୀୟ ଦିବସ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ। ଏହି ବିଶାଳ ସଂକଳ୍ପ ଯାତ୍ରା ପାଇଁ କଂଗ୍ରେସ ପ୍ରେମୀ, କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଗଣମାଧ୍ୟମକୁ ସମ୍ବୋଧିତ କରି ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ପାଇଁ ନୂଆ ଏକ ଅଧ୍ୟାୟ ଆରମ୍ଭ ହୋଇଛି। ସଂପୂର୍ଣ୍ଣ ଶକ୍ତିର ସହ କଂଗ୍ରେସ ଆଗକୁ ବଢ଼ିବ। ଓଡ଼ିଶାକୁ କଂଗ୍ରେସ ସରକାର ଫେରାଇ ଆଣିବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ପ୍ରୟାସ କରିବେ ଓ ନିୟମିତ ଭାବେ ଜନସାଧାରଣଙ୍କ ସୁଖ ଦୁଃଖରେ ଦଳ ପହଂଚିବ।

# ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା'ର ଶୁଭାରମ୍ଭ

**ଭୁବନେଶ୍ୱର, ୧୮।୨ (ମହାଭାରତ):** ଭାରତ ସରକାରଙ୍କ ସର୍ବେକ୍ଷଣ ସଂସ୍ଥା ସର୍ଭେ ଅଫ ଇଣ୍ଡିଆ ଆନୁକୂଲ୍ୟରେ ମଙ୍ଗଳବାର ସହରାଞ୍ଚଳ ଜାତୀୟ ଭୂସ୍ଥାନିକ ସର୍ବେକ୍ଷଣ 'ନକ୍ସା'ର ଶୁଭାରମ୍ଭ ହୋଇଯାଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଓ ବାରିପଦା ସ୍ଥାନ ପାଇଛି। ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ଓ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଏହାର ଉଦଘାଟନ କରିଥିଲେ। ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଏହାର ଉଦଘାଟନ କରିଥିଲେ।

ମନ୍ତ୍ରୀ ଉଦବୋଧନ ଦେଇ କହିଲେ, ଅତ୍ୟାଧୁନିକ ଜ୍ଞାନ କୌଶଳ ଯଥା ସାଟେଲାଇଟ୍ ମାଧ୍ୟମରେ ଛବି ଉତ୍ତୋଳନ, ଡ୍ରୋନ ସର୍ଭେ, ଭୂସ୍ଥାନିକ ସର୍ବେକ୍ଷଣ(ଜିଆଇଏସ୍) ଆଧାରରେ ସହରାଞ୍ଚଳର ଭୂମି ରେକର୍ଡକୁ ଆଧୁନିକୀକରଣ କରିବା ନିମନ୍ତେ ଏହା ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସହରାଞ୍ଚଳର ଭୂମି ସମ୍ବନ୍ଧିତ ରେକର୍ଡକୁ ଠିକ ଭାବେ ଡିଜିଟାଲ ପୋର୍ଟାଲରେ ଉପଲବ୍ଧ କରାଯାଇପାରିବ ଏବଂ ନିୟମିତ ଭାବେ ଅପଡ଼େଟ ମଧ୍ୟ କରାଯାଇପାରିବ।

ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ ସହରାଞ୍ଚଳ ଜମିର ଠିକ ମୂଲ୍ୟ ଆକଳନ ତଥା ଠିକ ଭାବେ ଭୂମି କର ଆଦାୟ କରିବାରେ ସହାୟକ ହେବ। ଏହି ସର୍ଭେ ଦ୍ୱାରା ସହରାଞ୍ଚଳର ସ୍ୱଚ୍ଛ ଜମିର ସନ୍ତୁଳିତ ଉପଯୋଗ, ନିୟମାବଳୀକୁ ଠିକ ଭାବେ ଲାଗୁ କରିବା, ସ୍ଥାବର ସମ୍ପତ୍ତି ସମ୍ବନ୍ଧିତ ସେବା ପ୍ରଦାନ କରିବା, ପରିବହନ ତଥା ଅନ୍ୟାନ୍ୟ ଆପଦକାଳୀନ ସେବାକୁ ସୁଦୃଢ଼ କରିବା ସହ ସହରାଞ୍ଚଳର ନିରନ୍ତର ବିକାଶକୁ ସୁନିଶ୍ଚିତ କରାଯାଇପାରିବ।

ଡ୍ରୋନ ସର୍ଭେ ସହ ଭୂମିର ସର୍ଭେ ସମୟରେ ଜମି ମାଲିକଙ୍କ ଉପସ୍ଥିତିରେ ନିର୍ଭୁଲ ଓ ଠିକ ମୂଲ୍ୟାୟନ ଉପରେ ମନ୍ତ୍ରୀ ପୂଜାରୀ ଗୁରୁତ୍ୱ ଦେବା ସହ ପୌର ପରିଷଦ, ରାଜସ୍ୱ ବିଭାଗ ଏବଂ ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟତା ଏବଂ ଜନସାଧାରଣଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ। ସର୍ଭେ ଅତ୍ୟନ୍ତ ଦାୟିତ୍ୱ ସମ୍ପନ୍ନ ଭାବେ ନିର୍ବାହ କରିବା ସହ ନିଖୁଣ, ସ୍ୱଚ୍ଛତା ଅବଲମ୍ବନ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବିକଶିତ ଖୋର୍ଦ୍ଧା ନିର୍ମାଣରେ ଏହା ବେଶ୍ ସହାୟକ ହେବ ବୋଲି ବିଧାୟକ ଜଗଦେବ କହିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ଜମି ରେକର୍ଡ ସର୍ଭେ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ, କେନ୍ଦ୍ର ସର୍ଭେ ଅଫ ଇଣ୍ଡିଆର ନିର୍ଦ୍ଦେଶକ ଆଶିଷ କୌଶଳ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଶିକ୍ଷାନୀତି ସଚେତନତା ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ୧୮।୨ (ମହାଭାରତ):** ନୂଆ ଶିକ୍ଷାନୀତି-୨୦୨୦ ସଂପର୍କରେ ଶିକ୍ଷକ ସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ରାଜଭବନରେ ଉଚ୍ଚ ଶିକ୍ଷା ବିଭାଗର କାର୍ଯ୍ୟାବଳୀ ସଂପର୍କରେ ସମୀକ୍ଷା କରି ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ପ୍ରମୁଖ ଉପସ୍ଥିତ ଥିଲେ।

ପାୱାରପଏଂଟ୍ ପ୍ରେଜେନ୍‌ଟେସନ୍ ମାଧ୍ୟମରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିଷଦ ବିବରଣୀ ଉପସ୍ଥାପନ କରାଯାଇଥିଲା। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଥିବା ଆହ୍ୱାନ ସଂପର୍କରେ ଆଲୋକପାତ କରି ଏ କ୍ଷେତ୍ରରେ ଉଚ୍ଚ ଶିକ୍ଷାର ମାନବୃଦ୍ଧି, ଭିତିଭୂମିର ଉନ୍ନତି ସହିତ ଉଚ୍ଚ ଶିକ୍ଷାକୁ କିପରି ଅଧିକ ସହଜଲଭ୍ୟ କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତି କରାଯାଇପାରିବ ସେ ସଂପର୍କରେ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ମନ୍ତ୍ରୀ ଶ୍ରୀ ସୁରଜ ଓ କମିଶନର ତଥା ଶାସନ ସଚିବ ଶ୍ରୀ ଅଗ୍ରୱାଲ ଅବଗତ କରାଇଥିଲେ। ରାଜ୍ୟରେ ଉଚ୍ଚ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉପାଦେୟ ପରାମର୍ଶ ଦେବା ସହ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂଆ ଶିକ୍ଷାନୀତିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ତାଲିମ ଏବଂ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ।

ଏତଦ୍‌ବ୍ୟତୀତ ପାଠ୍ୟକ୍ରମର ଆଧୁନିକୀକରଣ, ଡିଜିଟାଲ ଶିକ୍ଷାର ସଂପ୍ରସାରଣ, ଇଣ୍ଡଷ୍ଟ୍ରି-ଏକଡେମିଆ ସହଯୋଗର ଆବଶ୍ୟକତା ଉପରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବିଶ୍ୱ ବିଦ୍ୟାଳୟ ପରିଚାଳନା, ଗବେଷଣାକୁ ପ୍ରୋତ୍ସାହନ ଯୋଗାଇବା, ଛାତ୍ରଛାତ୍ରୀମାନଙ୍କୁ ଭଲ କ୍ୟାରିଅର ଗଢ଼ିବା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ସରକାରଙ୍କ ଲକ୍ଷ ଓ କାର୍ଯ୍ୟକ୍ରମ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ ଏବଂ ଅନ୍ତର୍ନିବେଶୀ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

# ୫୨୪୮ ଏମବିବିଏସ ଡାକ୍ତର ଓ ୧୨୬ ଦନ୍ତ ଚିକିତ୍ସକଙ୍କୁ ଦିଆଯିବ ନିଯୁକ୍ତି

**ଭୁବନେଶ୍ୱର, ୧୮।୨ (ମହାଭାରତ):** ଖାଲିଥିବା ୫୨୪୮ ଏମବିବିଏସ ଡାକ୍ତର ପଦବୀ ପୂରଣ ନିମନ୍ତେ ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ଠିକ୍ ସେହିପରି ୧୨୬ଟି ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ନିମନ୍ତେ ଆୟୋଗକୁ ସୁପାରିଶ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଯେ ସବୁ ଜିଲ୍ଲାହସ୍ପିଟାଲରେ ଡେ କେୟାର ସେଂଟର ଓ କେମୋଥେରାପି ବ୍ୟବସ୍ଥା କରାଯିବ। ସାଟେଲାଇଟ ସେଂଟରର ଉଦ୍ଦେଶ୍ୟ ହେଉଛି, ଯେଉଁ ପୁରୁଣା ଭିତ୍ତିଭୂମି ଅଛି, ତାହା ବ୍ୟବହାର କରିବା ସହ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା। ଭଦ୍ରକ, ଝାରସୁଗୁଡା, ଢେଙ୍କାନାଳ, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର, ଦେବଗଡ଼, କଳାହାଣ୍ଡି, ଯାଜପୁର ଓ ବୌଦ୍ଧରେ ସାଟେଲାଇଟ ସେଂଟର ଖୋଲିବାକୁ ପ୍ରସ୍ତାବ ଆସିଛି। ସାଟେଲାଇଟ ସେଂଟରରେ ଦଶଟି ଅବଜରଭେସନ ବେଡ଼ ରହିବ। ଜିଲ୍ଲା ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ଲାଗି କ୍ୟାମ୍ପସରେ ୨୪ଘଂଟା ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୮।୨ (ମହାଭାରତ):** ଓଡିଶା ରାଜ୍ୟରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ଠିକ୍ ଠାକ୍ ଚାଲିଥିବାରୁ ଏବଂ ଧାନ ଦେବାର ୪୮ ଘଂଟା ମଧ୍ୟରେ ଚାଷୀ ଆକାଉଂଟ୍‌କୁ ପଇସା ଆସୁଥିବାରୁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସ ଭବନରେ ଧନ୍ୟବାଦ ଜଣାଇଛନ୍ତି। ଚାଷୀ ମାନେ ସେମାନଙ୍କ ନିଜ ଜମିରେ ଚାଷ କରିଥିବା ଆଳୁ, ବାଇଗଣ, କୋବି, ବିଲାତି, କଦଳୀ, ନଡିଆ, ପାନ ପ୍ରଭୃତିକୁ ଚାଷୀ ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହିତ ଚାଷର ସନ୍ତକ ହଳ ଲଙ୍ଗଳ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ତତ୍ ସହିତ ଉତରୀୟ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଚାଷୀ ମାନଙ୍କ ଦ୍ୱାରା କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ଧରି ଶାସନରେ ଚାଷୀ ମାନେ ଶୋଷଣର ଶିକାର ହେଉଥିଲେ। ୨୦୧୫ ମସିହାରେ ଧାନ କୁଇଂଟାଲ ପ୍ରତି ୧୦୦ଟଙ୍କା ବୋନସ ଦେବାକୁ କହିଥିଲେ ଦେଲେ ନାହିଁ, ୩୧୪ ବ୍ଲକରେ ଶୀତଳ ଭଣ୍ଡାର କରିବାକୁ କହିଥିଲେ କଲେ ନାହିଁ, ୩୫ ଭାଗ ଜମିକୁ ଜଳସେଚିତ କରିବାକୁ କହିଥିଲେ କଲେନାହିଁ, କାଳିଆ ଯୋଜନା କରି ୧୦ ହଜାର ଟଙ୍କା ଦେବାକୁ କହିଥିଲେ ଦେଲେ ନାହିଁ, ନବୀନ ପଟ୍ଟନାୟକ ଓଡିଶାର ଚାଷୀମାନଙ୍କ ପ୍ରତି ବିଶ୍ୱାସଘାତତା କରିଛନ୍ତି। ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ୮ ମାସ ଶାସନ କାଳରେ ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏବର୍ଷ ଧାନ କିଣା କାରବାର ସାରା ରାଜ୍ୟରେ ସ୍ୱଚ୍ଛତାର ଓ ଶୃଙ୍ଖଳିତ ଭାବରେ ହୋଇ ଚାଷୀ ତାର ଲାଭପାଉଥିବାରୁ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା ଶତାଧିକ ଚାଷୀ ମାନେ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ।

# ଓଡ଼ିଶାରେ ବୃଦ୍ଧି ପାଇଛି ଜଙ୍ଗଲ ଜମି

**ଭୁବନେଶ୍ୱର, ୧୮।୨ (ମହାଭାରତ):** ଭାରତୀୟ ବନ ସର୍ଭେ ରିପୋର୍ଟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ଜଙ୍ଗଲ ଜମି ୪,୦୦୦ ବର୍ଗ କିଲୋମିଟରରୁ ଅଧିକ ବୃଦ୍ଧି ପାଇଛି ବୋଲି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗତ ଦୁଇ ଦଶନ୍ଧିରେ ୪୦୦ ରୁ ଅଧିକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ପ୍ରାୟ ୩୯,୦୮୪ ହେକ୍ଟର ଜଙ୍ଗଲ ଜମିର ବ୍ୟବହାରକୁ ଅନୁମୋଦନ କରିଛି।

ଗତ ୨୦ ବର୍ଷରେ ଓଡ଼ିଶାର ଜଙ୍ଗଲ ଜମିର ପରିମାଣ ଏବଂ ସେହି ସମୟ ମଧ୍ୟରେ ବିକାଶ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର ସମ୍ପର୍କରେ ଭାଜପା ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଖୁଣ୍ଟିଆଙ୍କ ସୂଚନା ଥିଲା। ଦୁଇ ଦଶନ୍ଧି ତଳେ ଓଡ଼ିଶାରେ କେତେ ଜଙ୍ଗଲ ଜମି ଥିଲା ଏବଂ ବର୍ତ୍ତମାନ ଏହାର ପରିମାଣ କେତେ, ପ୍ରକଳ୍ପ ପାଇଁ କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ କେତେ ଜଙ୍ଗଲ ଜମି ଦିଆଯାଇଛି, ଏହି ସମ୍ପର୍କିତ ତଥ୍ୟ ମାଗିବା ସମୟରେ ଦାସ ପଚାରିଥିଲେ। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ଡେରାଡୁନ-ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ପ୍ରତି ଦୁଇ ବର୍ଷରେ ଥରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳଗୁଡ଼ିକର ସାଟେଲାଇଟ୍-ଆଧାରିତ ସର୍ଭେ କରିଥାଏ। ୨୦୦୩ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୪୮,୩୬୬ ବର୍ଗ କିଲୋମିଟର ଜଙ୍ଗଲ ଜମି ଥିଲା ଯେତେବେଳେ ସଦ୍ୟତମ ଭାରତ ବନ ରାଜ୍ୟ ରିପୋର୍ଟରେ ପ୍ରକାଶ ପାଇଛି ଯେ ରାଜ୍ୟରେ ୫୨,୪୩୩.୫୬ ବର୍ଗ କିଲୋମିଟର ଜଙ୍ଗଲ ଜମି ଥିଲା।

ସେ ଆହୁରି କହିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୧୯୮୦ ମସିହାର ବନ ସଂରକ୍ଷଣ (ସଂଶୋଧନ) ଆଇନ ଅନୁଯାୟୀ ୪୨୭ଟି ପ୍ରକଳ୍ପ ପାଇଁ ୩୯,୦୮୪.୮୩୦ ହେକ୍ଟର ଜଙ୍ଗଲ ଜମିକୁ ସ୍ଥାନାନ୍ତର କରିଛି। ୨୦୦୫-୨୦୨୪ ମଧ୍ୟରେ ବିକାଶ ଉଦ୍ଦେଶ୍ୟରେ ଜଙ୍ଗଲ ଜମି ବ୍ୟବହାର ସମ୍ପର୍କରେ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ପ୍ରକଳ୍ପ ପାଇଁ ସର୍ବାଧିକ ଜଙ୍ଗଲ ଜମି ପରିବର୍ତ୍ତନ ଦେଖାଯାଇଥିଲା (୩୮ଟି ପ୍ରକଳ୍ପ ପାଇଁ ୩,୯୨୦.୦୨୨ ହେକ୍ଟର)।

# ବର୍ଦ୍ଧିତ ରକ୍ତ ପ୍ୟାକେଟ ଦର ପ୍ରତ୍ୟାହାର ଦାବି

**ଭୁବନେଶ୍ୱର, ୧୮।୨ (ମହାଭାରତ):** କେନ୍ଦ୍ରୀୟ ରେଡକ୍ରସ୍ ରକ୍ତ ବ୍ୟାଙ୍କ, କଟକ ଦ୍ୱାରା ରକ୍ତ ପ୍ୟାକେଟ ଦରରେ ସମ୍ପ୍ରତି ୧୦୦ଟଙ୍କା ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି ଓଡ଼ିଶା ରକ୍ତଦାତା ମହାସଂଘ। ସଂଘ ପକ୍ଷରୁ ଆଜି ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶାର ସଚିବଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘ କହିଛି ପୂର୍ବ ରକ୍ତ ପ୍ୟାକେଟ ଦର ରାଜ୍ୟ ସରକାର ଦ୍ୱାରା ସ୍ଥିର କରାଯାଇଥିଲା, ଯାହା ଓଡ଼ିଶାର ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ରକ୍ତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରେଡକ୍ରସ୍ ରକ୍ତ ବ୍ୟାଙ୍କକୁ ସମସ୍ତ ଆବଶ୍ୟକୀୟ ସୁବିଧା ପ୍ରଦାନ କରେ। ସଂଗଠନ ରେଡକ୍ରସର ଲାଭହୀନତା ଉପରେ ଗୁରୁତ୍ୱାରୋପ କରେ ଏବଂ ଚିନ୍ତା ପ୍ରକାଶ କରେ ଯେ ବର୍ଦ୍ଧିତ ହାର ସୁଲଭ ରକ୍ତ ସ୍ଥାନାନ୍ତରଣ ଉପରେ ନିର୍ଭର କରୁଥିବା ଗରିବ ଏବଂ ଦୁର୍ବଳ ଜନସଂଖ୍ୟା ପାଇଁ ଅଯଥା କଷ୍ଟ ସୃଷ୍ଟି କରିବ।

ରକ୍ତ ପ୍ୟାକେଟ ହାରରେ ଏହି ହଠାତ ଏବଂ ଯଥେଷ୍ଟ ବୃଦ୍ଧି ଗ୍ରହଣୀୟ ନୁହେଁ, ମହାସଂଘର ସଚିବ ତ୍ରିଲୋଚନ ଦାଶ କହିଛନ୍ତି। ଏହା ସିଧାସଳଖ ଏକ ମାନବିକ ସଂଗଠନ ଭାବରେ ରେଡକ୍ରସର ମିଶନର ବିରୁଦ୍ଧାଚରଣ କରେ ଏବଂ ଯେଉଁମାନେ ଏହାକୁ ସହ୍ୟ କରିପାରିବେ ନାହିଁ ସେମାନଙ୍କ ଉପରେ ଏକ ଅନୁଚିତ ବୋଝ ଲଦିଥାଏ। ଆମେ କର୍ତ୍ତୃପକ୍ଷଙ୍କୁ ହସ୍ତକ୍ଷେପ କରି ପୂର୍ବ ହାରକୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ଅନୁରୋଧ କରୁଛୁ। ସଙ୍ଗଠନ ସଭାପତି ଅକ୍ଷୟ କୁମାର ରାଉତ ଆହୁରି କହିଛନ୍ତି, ରାଜ୍ୟ ସରକାର ଓଡିଶାର ଜନସାଧାରଣଙ୍କ ସେବା ପାଇଁ ରେଡକ୍ରସ୍ ରକ୍ତଭଣ୍ଡାରକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରନ୍ତିୟ ହାର ବୃଦ୍ଧି କରିବାର ଏହି ଏକପାଖିଆ ନିଷ୍ପତ୍ତି ସେହି ପ୍ରୟାସଗୁଡ଼ିକୁ ଦୁର୍ବଳ କରିବ ଏବଂ ଅତ୍ୟାବଶ୍ୟକ ଚିକିତ୍ସା ସେବାରେ ଏକ ଅନାବଶ୍ୟକ ଆର୍ଥିକ ପ୍ରତିବନ୍ଧକ ସୃଷ୍ଟି କରିବ।

ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି, ଆମେ ରାଜ୍ୟ ସରକାରଙ୍କ ବିଭାଗୀୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଏହି ସମସ୍ୟାର ସମାଧାନ କରିବା ଏବଂ କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର ଜନସାଧାରଣଙ୍କ ସର୍ବୋତ୍ତମ ସ୍ୱାର୍ଥରେ କାର୍ଯ୍ୟ କରିବା ନିଶ୍ଚିତ କରିବା ପାଇଁ ସେମାନଙ୍କ ହସ୍ତକ୍ଷେପ ଅନୁରୋଧ କରିଛୁ। ମହାସଂଘର ସଚିବ ତ୍ରିଲୋଚନ ଦାସ, ସଭାପତି ଅକ୍ଷୟ କୁମାର ରାଉତ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି, କୋଷାଧକ୍ଷ ରାଜେଶ ନାୟକ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଗଠିତ ଏକ ପ୍ରତିନିଧିମଣ୍ଡଳୀ ଦ୍ୱାରା ସ୍ମାରକପତ୍ର ଏବଂ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା।

# ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ଶିଶୁ ବାଟିକା ନାମଲେଖା

**ଭୁବନେଶ୍ୱର, ୧୮।୨ (ମହାଭାରତ):** ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ପ୍ରବେଶ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ବୋଲି ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ସୂଚନା ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ, ୩ ବର୍ଷ ବୟସର ପିଲାମାନଙ୍କ ପାଇଁ ଶିଶୁ ବାଟିକା ପ୍ରବେଶ ଖୋଲାଯିବ। ଆଗାମୀ ଶିକ୍ଷାବର୍ଷରୁ ୪୫,୦୦୦ ପ୍ରାଥମିକ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ବିଭାଗ ସ୍କୁଲଗୁଡ଼ିକରେ ଶିଶୁ ଭାଟିକା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶା ବଜେଟ୍-୨୦୨୫ରେ ପ୍ରାଥମିକ ଶିକ୍ଷା ପାଇଁ କରାଯାଇଥିବା ବ୍ୟୟବରାଦ ବିଷୟରେ ସେ କହିଛନ୍ତି ଯେ ରାଜ୍ୟ ସରକାର ସ୍କୁଲ ଶିକ୍ଷା ପାଇଁ ୩୧,୦୦୦ କୋଟି ଟଙ୍କାରୁ ଅଧିକ ବ୍ୟବସ୍ଥା କରିଛନ୍ତି।

ଗତକାଲି ବାର୍ଷିକ ବଜେଟ୍ ଉପସ୍ଥାପନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ଭାଷଣରେ କହିଛନ୍ତି ଯେ ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଘରଚ-୨୦୨୦ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତିୟ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ନାମକ ୪୫,୦୦୦ ରୁ ଅଧିକ ପ୍ରାଥମିକ ଶ୍ରେଣୀ ଖୋଲାଯିବ।

ରିପୋର୍ଟ ଅନୁଯାୟୀ, ଘରଚ ଅଧୀନରେ ଶିଶୁ ବାଟିକା ଶିକ୍ଷା ୫ ବର୍ଷ (ଶିଶୁ ବାଟିକା ୧,୨,୩, ଶ୍ରେଣୀ ୧ ଏବଂ ୨ ଏବଂ ମଧ୍ୟମା ଏବଂ ମାଧ୍ୟମିକ ପର୍ଯ୍ୟାୟ (ଶ୍ରେଣୀ ୪,୫,୬,୭,୮) ବିଦ୍ୟାଳୟଗୁଡ଼ିକରେ ରହିବ। ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ପ୍ରସ୍ତୁତି ପର୍ଯ୍ୟାୟ ଅଧୀନରେ ଆସୁଥିବା ବେଳେ, ୬,୭,୮ ଶ୍ରେଣୀକୁ ମଧ୍ୟମା ପର୍ଯ୍ୟାୟ ଅଧୀନରେ ବର୍ଗୀକୃତ କରାଯାଇଛି। ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ୬ ବର୍ଷ ଏବଂ ଶିଶୁ ବାଟିକା ୩ ବର୍ଷ ହେବ।

ଏହା ବ୍ୟତୀତ, ସରକାର ଏହାର ଦ୍ୱିତୀୟ ବାର୍ଷିକ ବଜେଟରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଅଧୀନରେ ୨୯୬୦ କୋଟି ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ପଞ୍ଚାୟତ ସ୍ତରରେ ସାମଗ୍ରିକ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ପଦକ୍ଷେପ। ଏହି ଯୋଜନା ଅଧୀନରେ, ପ୍ରାୟ ୭,୦୦୦ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତ କରାଯିବ ଏବଂ ଉନ୍ନତ ଭିତ୍ତିଭୂମି, ଶିକ୍ଷଣ ସମ୍ବଳ ଏବଂ ଜୀବନ କୌଶଳ ଶିକ୍ଷା ସହିତ ସଜ୍ଜିତ କରାଯିବ ଯାହା ଦ୍ୱାରା ପିଲାମାନଙ୍କର ଭାଷାଗତ ଏବଂ ଗଣିତ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ କରାଯିବ।

# କଟକରେ କର୍କଟ ଦିବସ

**ଭୁବନେଶ୍ୱର, ୧୮।୨ (ମହାଭାରତ):** ବିଶ୍ୱ ଶିଶୁ କର୍କଟ ଦିବସ ଉପଲକ୍ଷେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କଟକ (ଏଚବିସିଆର) ଏବଂ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା (ବିସିଟି) କଟକ ସହର ଓ ସଦର ଶାଖାର ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଦୀପକ ରାଉତ ରାୟ, ଆଡମିନଷ୍ଟ୍ରେଟିଭ୍ ଅଫିସର୍ ପ୍ରତିଭା ପୃଷ୍ଟି, ହେଡ୍ ଓ ଅନେକ ବିଭାଗ ମୁଖ୍ୟ ଡକ୍ଟର ପ୍ରମୋଦ ଚନ୍ଦ୍ର ପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗୋଲି କାର୍ଯ୍ୟକ୍ରମ, କ୍ୟାନସର ବିଜୟୀ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ, ରାମ୍ପ ସୋ ସହ ପୁରସ୍କାର ବିତରଣ କରାଯାଇଥିଲା। ଅଭିଜ୍ଞ ରୋଗୀ ପରାମର୍ଶ ଦାତା ମନସ୍ୱିନୀ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଆଶୋକ ବେହେରା, ଅରକ୍ଷିତ ସାହୁ, ସମାଜସେବୀ ଅଭିମନ୍ୟୁ ଦାସ, ଏନସିଟିର ସଂପାଦକ ନାରାୟଣ ଭାଇ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ସଂପାଦକ ପ୍ରିନ୍ସ ନନ୍ଦ, ଟ୍ରଷ୍ଟ ଅଧକ୍ଷ ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ, ନରେଶ ବେହେରା, ଏଚବିସିଆର ଟିମ୍‌ର ଶକ୍ତି, ଶୁଭ, ଶର୍ମିଷ୍ଠା ଦିଦି, ଗାୟତ୍ରୀ ଦିଦି, ରମାକାନ୍ତ, ହସପିଟାଲର ବାପି ଭାଇ, ପେଡିଆଟିକ ଅଙ୍କଲୋଜିର ମୁଖ୍ୟ ନୁର୍ସିଂ ଅଫିସର୍ ରତ୍ନ ଦିଦି, ନର୍ସିଂମୁଖ୍ୟ ବାସନ୍ତୀ ଦିଦି, ନର୍ସିଂ ସହାୟିକା କାଞ୍ଚନ ଦିଦି ଆଦି ସହଯୋଗ କରିଥିଲେ। ବିସିଟି ପରିବାର ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨ ଜଣ ପିଲାଙ୍କୁ ଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ନିଷ୍ପତି ନିଆଯାଇଛି। ଆୱେକେନ ଟ୍ରଷ୍ଟ ପକ୍ଷରୁ ପିଲା ମାନଙ୍କ ଉଦ୍ଦେଶ୍ୟରେ ଜର୍ମାନୀରୁ ଆସିଥିବା ମ୍ୟାଜିକ ପରିବେଷଣ କରା ଯାଇଥିଲା।

## ମଣିପୁର ହିଂସା

ମଣିପୁର ବିଜେପିରେ ବୀରେନ ସିଂହଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ ଆରମ୍ଭ ହେବା ପରେ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ନଚେତ କଂଗ୍ରେସ ପକ୍ଷରୁ ପ୍ରସ୍ତାବିତ ଅନାସ୍ଥା ଭୋଟରେ ତାଙ୍କର ପରାଜୟ ସୁନିଶ୍ଚିତ ଥିଲା। ରାଜ୍ୟ ବିଜେପିର ୧୨ ଜଣ ବିଧାୟକ ଦଳୀୟ ହୁଇପକୁ ଅମାନ୍ୟ କରି ଅନାସ୍ଥା ଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ବୀରେନ ସିଂହ ଦଳର ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନଚେତ ସେ ଅପଦସ୍ତ ହୋଇଥାଆନ୍ତେ। କିଛି ଦିନ ତଳେ ବୀରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଯାହା ହୋଇଯାଇଛି ତାକୁ ଭୁଲି ଯାଇ ଆଗକୁ ଶାନ୍ତି ଏବଂ ବନ୍ଧୁତ୍ୱର ବାତାବରଣ ମଧ୍ୟରେ ରହିବା ଏବଂ ନୂଆ ମଣିପୁର ଗଢିବା ପାଇଁ ସେ ସବୁ ସମ୍ପ୍ରଦାୟକୁ ଆହ୍ୱାନ କରିଥିଲେ। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି।

# ସାମୂହିକ ଚେତନା ଓ ଭାରତୀୟ ସମାଜ


*ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି ?*



॥ ଗୋପାଳ ମହାପାତ୍ର ॥


ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ। ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି। ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିନ୍ତୁ ଏହା ସାମାଜିକ ପ୍ରଖର ଚେତନା ନୁହେଁ। ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟନ୍ତ ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ ରହିଛି। ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାନ୍ତି ଏବଂ ଏଥିପାଇଁ ଲଢେଇ ମଧ ଚାଲିଥାଏ। ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ। ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାନ୍ତି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ। ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ। ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ ଜାତି ଓ ସଂପ୍ରଦାୟର ପରିଧି ମଧରେ ଲୋକତାନ୍ତ୍ରିକ। ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି। ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି। ବର୍ତ୍ତମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି। ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି। ସାଧାରଣ ଲୋକେ ମଧ ଏଥିରେ ଭ୍ରମିତ ହେଉଛନ୍ତି।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଧର୍ମଯୁଦ୍ଧ 'କୃସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ। ଭାରତରେ ଭିନ୍ନତା ବିଷମତା ରହିଛି। ଭାରତର ଅନେକ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ ଭିନ୍ନ। ଗୋଟିଏ ଅଞ୍ଚଳରେ ମଧ ଏଭଳି ଭିନ୍ନତା ରହିଛି। ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି। ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ ଦେଖାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି। ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ। କିନ୍ତୁ ଏସବୁ ପରେ ମଧ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ ଅନେକ ସମୟରେ ସମାନ କଥା ହିଁ କହିଥାନ୍ତି ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ। ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ। ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ ? ଅନେକ ପିଢୀ ହେବ ଯେଉଁମାନେ ଭାରତରେ ରହି ଆସୁଛନ୍ତି ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ। ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ। କିନ୍ତୁ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍। ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ ନାହିଁ।

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି ? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା। ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ। ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥାନ୍ତା ବୋଲି ଅନେକଙ୍କ ମତ। ଏହି କଥାରେ ଅନେକ କଥା ଲୁଚି ରହିଛି। ଅର୍ଥାତ୍ ଗାନ୍ଧୀ କେବେ ହାରି ପାରନ୍ତିନି ବା ଗାନ୍ଧୀ ହାରିବା କଥା ନୁହେଁ। ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁନ୍ତି। ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ। ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗୃତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ। ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧ୍ୟରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି। ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ କିଛି ପରିବାର ମଧରେ ସୀମିତ ରହିଗଲା। ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ। ଏଣୁ ଜାତି ଜାତି ମଧରେ ଅବିଶ୍ୱାସ ବଢିବାରେ ଲାଗିଲା। ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟନ୍ତ ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧରେ ଦୁରତା ବଢିଲା। ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଆଧାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ ? ଭୌତିକ ବାଦ ଠାରୁ ଆଧାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି। ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ। କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ।


ରାମଚନ୍ଦ୍ରପୁର
ରଣପୁର ମୋ - ୯୪୩୮୪୮୫୦୯୪


# ମଶା, ମାଲେରିଆ ଓ ଯକୃତ


॥ ଉମେଶ ଚନ୍ଦ୍ର ପାତ୍ର ॥


ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୦ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି ।

ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି ।

ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# ସ୍କ୍ରବ୍ ଟାଇଫସ ଓ ସ୍ୱାସ୍ଥ୍ୟ ସତର୍କତା


॥ ପ୍ରଫୁଲ୍ଲ କୁମାର ଦାସ ॥


ରାଜ୍ୟରେ ଏବେ ହୁ ହୁ ହୋଇ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ ଟାଇଫସକୁ ନେଇ ଚିନ୍ତା ବଢ଼ିଛି। ଏହା ଚିଗର ନାମକ ଏକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲ୍ଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଲାବରୋଟୋରୀରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ। ବରଂ ରାଜଧାନୀ ଭୁବନେଶ୍ୱରରେ ମଧ ଏହି ସଂକ୍ରମଣ ହେଉଛି।

ସ୍କ୍ରବ ଟାଇଫସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ। ଯାହାକୁ ଏସ୍ଚର ଭାବେ ବିବେଚନା କରାଯାଉଛି। ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ୍ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା। ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ ଟାଇଫସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ତେବେ ସ୍କ୍ରବ ଟାଇଫସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍। ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍ଚର ଦେଖିବାକୁ ନ ମିଳିବା ମଧ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ। ଓଡ଼ିଶାରେ ସ୍କ୍ରବ ଟାଇଫସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛି ଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଓ ଏ ନେଇ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା।

ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ ପିରିୟଡ଼। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ। ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ। ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ। ଆମିଷ ନଖାଇଲେ ଭଲ। ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଥଣ୍ଡା ଜାତୀୟ ଖାଦ୍ୟ ବା ପାନୀୟ ନଖାଇବା ଭଲ। ଫ୍ରିଜରେ କୌଣସି ବାସୀ ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ। ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରୀ ଟାଙ୍ଗି ଶୁଅନ୍ତୁ। ଯୋଗ ପ୍ରାଣାୟମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ। କିନ୍ତୁ ସାମାନ୍ୟ ବର୍ଷରେ ମଧ ତିନ୍ତି ମର୍ଣ୍ଣିଂୱାର୍କ କରନ୍ତୁନାହିଁ। ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ। ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସ୍କ୍ରବ ଟାଇଫସକୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ।


ଦୂରଭାଷ : ୯୪୩୭୦୨୩୪୪୩,

# ରକ୍ଷଣା ବେକ୍ଷଣ ଅଭାବରୁ ଅଲୋଡ଼ା ହୋଇ ପଡିଛି ସହରର ବିଭିନ୍ନ ସେଲ୍ଫି ପଏଣ୍ଟ ଏବଂ ଟୁଇନ ରିଭର ପଏଣ୍ଟ

ଆସିକା (ମହାଭାରତ): ଆସିକା ସହରର ପ୍ରମୁଖ ଛକ ଗୁଡ଼ିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚରେ ସେଲ୍ଫି ପଏ□ ନିର୍ମାଣ କରାଯାଇଛି । କିନ୍ତୁ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ସେଗୁଡ଼ିକ ଅଳ୍ପ କିଛି ଦିନ ଭିତରେ ନଷ୍ଟ ହୋଇଗଲାଣି । କେଉଁଠି ସେଲଫି ପଏ□ ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ପାଣି କାଦୁଅରେ ଭର୍ତି ହେଲାଣି। ସହରର ଅନେକ ସ୍ଥାନରେ ଏବେ ସେଲ୍ଫି ପଏଣ୍ଟ ଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିଛି। ଯେଉଁ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କାରେ ସେଗୁଡ଼ିକ କରାଯାଇଛି ସେହି ଉଦ୍ଦେଶ୍ୟ ପୂରଣ ହୋଇ ହୋଇପାରୁନି। କେବଳ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କିଛି ଦିନ ପରେ ପ୍ରକଳ୍ପ କଦର୍ଯ୍ୟ ଅବସ୍ଥାକୁ ଚାଲି ଯାଇଛି। ଆସିକା ବସଷ୍ଟାଣ୍ଡ, ଟେଲିଫୋନ ଭବନ, କଳିଙ୍ଗ ରୋଡ଼ ପାର୍ଶ୍ୱ, ସୁନାମ୍ବ ସାହି, ବାଣୀବିହାର ଛକ, ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନରେ ଖୋଲା ସ୍ଥାନ ସୌନ୍ଦର୍ଯ୍ୟ କରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମିତ ହୋଇଥିଲା । ଏଠାରେ କୋଣାର୍କ ଚକ ଆକର୍ଷଣୀୟ ମୂର୍ତ୍ତି, ଘାସରେ ର ତିଆରି ମୟୂର ମୂର୍ତ୍ତି, ଆଇ ଲଭ ଆସ୍କା, ଏହି ପରି ବହୁତ ଗୁଡିଏ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିଲା କିନ୍ତୁ ତାହା ରକ୍ଷଣା ବେକ୍ଷଣ ଅଭାବ ରୁ ମାଟି ଧୂଳି ଘାସ ବଣ ଓ ଲଟା ବୁଦାରେ ପରିପୂର୍ଣ୍ଣ। ସେହିପରି ବଡ଼ନଦୀ ହୁଡ଼ାକୁ ଲାଗି ନିର୍ମିତ ଟୁଇନ ରିଭର ପାର୍କ ଟି ନିର୍ମାଣ ହେବା ପରଠୁ




ହିଁ ଅନାବଶ୍ୟକ ଭବେ ପଡି ରହିଛି ଯେଉଁଠାରେ ଯେତେ ରାତି ବଢୁଛି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏବ ପାଚେରି ଭାଙ୍ଗି ଯିବା ସହ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷଗୁଡ଼ିକ ନଷ୍ଟ ହୋଇ ଗଲାଣିୟ ଏପରିକି ପରିସରକୁ ସଫା ମଧ୍ୟ କ କରାଯାଉ ନାହିଁ । ଅଳିଆ ଆବର୍ଜନାରେ ପରିସର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଯେଉଁ ସେଲ୍ଫି ପଏଣ୍ଟ ଏକଦା ଆକର୍ଷଣୀୟ ଥିଲା, ବର୍ତ୍ତମାନ ତାହା କଦର୍ଯ୍ୟ ଅବସ୍ଥାକୁ ଚାଲି ଗଲାଣି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଏବେ ଏକ ପ୍ରକାର ବରବାଦ ଲାଗିଛି।

## ଫୁଲବାଣୀ ପଞ୍ଚାୟତ ସମିତିର ନୂତନ ବିଡିଓଙ୍କୁ ବିଜେପି କର୍ମୀଙ୍କ ସ୍ୱାଗତ

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲା ଫୁଲବାଣୀ ପଞ୍ଚାୟତ ସମିତିରେ ନୂତନ ବିଡିଓ ଭାବେ ସୋମ୍ୟ ରଞ୍ଜନ ପାତ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଖଜୁରୀପଡା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେୟ ଫୁଲବାଣୀ ବିଡିଓ ପ୍ରତୀକ ସାହୁଙ୍କ କଟକ ଜିଲ୍ଲାକୁ ବଦଳି ହେବା ପରେ କିଛି ଦିନ ହେଲା ଫିରିଙ୍ଗିଆ ବିଡ଼ିଓ ଅନୁପ ଅଭିଷେକ ବେହେରା ଫୁଲବାଣୀ ବ୍ଲକ ଦାୟିତ୍ୱ ରେ ଥିଲେ। ଶନିବାର ନୂତନ ବିଡିଓ ଭାବେ ସୋମ୍ୟ ରଞ୍ଜନ ପାତ୍ର ଯୋଗ ଦେଇଥିବା ବେଳେ ଆଜି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ବିଜେପି ସଭାପତି ଆଦିତ୍ୟ କହଁରଙ୍କ ନେତୃତ୍ୱରେ ଗୋଲକ ବିହାରୀ କହଁର, ଭାଗିରାମ ଦିଗାଲ, ପ୍ରକାଶ ପ୍ରଧାନ, ସିକନ ରଣା, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି କରୁଣାକର ସାହୁ, ରାମ ଚନ୍ଦ୍ର କହଁରଙ୍କ ସମେତ ଅନେକ ବିଜେପି କର୍ମୀ ପ୍ରମୁଖ ସ୍ୱାଗତ କରିଥିଲେ।

## ମଣ୍ଡିରେ ଗନିବ୍ୟାଗ ହେରାଫେରି, ଧାନମଣ୍ଡି ବୁଲିଲେ ଯୋଗାଣ ଅଧିକାରୀ

ବାସୁଦେବପୁର : ସାମ୍ଭାବ୍ୟ ଅଦିନିଆ ବର୍ଷାକୁ ନେଇ ଧାନମଣ୍ଡି ବୁଲି ସ୍ଥିତି ପରଖିଛନ୍ତି ବାସୁଦେବପୁର ଯୋଗାଣ ଅଧିକାରିଣୀ ମଧୁସ୍ମିତା ସେନାପତି । ଏହି ଅବସରରେ ପଦ୍ମପୁରଠାରେ ଥିବା ଧାନମଣ୍ଡିରେ ଚାଷୀମାନଙ୍କୁ ମିଳୁଥିବା ଗନିବ୍ୟାଗ ବଣ୍ଡଲର ହେରାଫେରୀ ସଂପର୍କରେ କେତେଜଣ ଚାଷୀ ଅଭିଯୋଗ କରିଥିଲେ । ଠାକୁରସାହୀର ମନରଞ୍ଜନ ଦାଶଙ୍କୁ ପଚାଶଗୋଟି ଗନିବ୍ୟାଗ ମିଳିଥିବା ବେଳେ ସେଥିମଧ୍ୟରୁ ପନ୍ଦରଗୋଟି ଗନିବ୍ୟାଗ ଚିରାଫଟା ଥିବା କହିଥିଲେ । ସେହିପରି ପଦ୍ମପୁର ଗ୍ରାମର ଶଶାଙ୍କଶେଖର ନାୟକଙ୍କୁ ଗୋଟିଏ ବଣ୍ଡଲରେ ପଚାଶଗୋଟି ଗନିବ୍ୟାଗ ଯୋଗାଇଦେଇଥିବା ବେଳେ ସେଥିମଧ୍ୟରୁ ଷୋହଳଗୋଟି ଗନିବ୍ୟାଗ ଚିରାଫଟା ଥିବା ସହିତ ପାଞ୍□ଗୋଟି ଗନିବ୍ୟାଗ କମ ଥିବା କହିଥିଲେ । ଚାଷୀ ଅନିଲ ନାୟକ ହାତରୁ କୋଡିଏଗୋଟି ଗନିବ୍ୟାଗ କିଣି ଧାନମଣ୍ଡକୁ ଧାନ ଆଣିଥିବା ଅଭିଯୋଗ ଆଣିଥିଲେ । ଏନେଇ ଯୋଗାଣ ଅଧିକାରିଣୀ କୁହନ୍ତି, ସମବାୟ ସମିତିର ସଂପାଦକ ମିଲରଙ୍କ ଠାରୁ ଗନିବ୍ୟାଗ ନେଇ ଚାଷୀଙ୍କୁ ଦେବା କଥା, ଗଣତିରେ କମୁଥିବା ସଂପର୍କରେ ସଂପୃକ୍ତ ମିଲରମାନଙ୍କୁ ଅବଗତ କରାଯିବ । ଏମିତିବି ସମ୍ବଲପୁର ମିଲର ଗନିବ୍ୟାଗ ଯୋଗାଇ ପାରୁନଥିବା କାରଣରୁ ଜରିଅଖାରେ ଧାନମଣ୍ଡିକୁ ଧାନ ଆଣୁଥିବା ଦେଖିବାକୁ ମିଳିଛି ।

## ଅଙ୍ଗନବାଡ଼ି କର୍ମୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ସିମୁଳିଆ : ଅଙ୍ଗନବାଡ଼ି କର୍ମୀଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ସିମୁଳିଆ ଥାନାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ।ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବରି ଗ୍ରାମରେ ଗତ ୧୫ ତାରିଖ ରାତିରେ ଅଙ୍ଗନବାଡ଼ି କର୍ମୀ ସୁକାନ୍ତି ସାହୁଙ୍କୁ ଦୁର୍ବୃତ୍ତ ମାନେ ଭୁଜାଲି ଓ ରଡ଼ରେ ଆକ୍ରମଣ କରି ଲୁଟ କରିଥିଲେ। ସୁକାନ୍ତିଙ୍କ ବାପା ଅକ୍ରୁର ସାହୁ ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ସିମୁଳିଆ ପୋଲିସ କେସ ନମ୍ବର ୬୩/୨୫ମୂଳେ ମୋକଦମା ରୁଜୁ କରାଯାଇଥିଲା। ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଏହାକୁ ଗୁରୁତ୍ୱର ନେଇ ଦୁଇଟି ଟିମ ଗଠନ କରିଥିଲେ। ବାସୁଦେବପୁର ଥାନା ଓ ସିମୁଳିଆ ଥାନାକୁ ନେଇ ଯୁଗ୍ମ ଟିମ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାନଭିନ କରି ଦୁଇ ଜଣ ଯୁବକକୁ ଗିରଫ କରିବାରେ ସଫଳ ହୋଇଥିଲେ ।ପୁଲିସ ସନ୍ଦେହରେ ୯ ଜଣଙ୍କୁ ଅଟକ ରଖି ତଦନ୍ତ କରିଥିଲା। ବାଲେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଇନିସ୍ପେକ୍ଟର ନରେନ୍ଦ୍ର କୁମାର ପାଲଙ୍କ ନେତୃତ୍ୱରେ ସିମୁଳିଆ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ବାସୁଦେବପୁର ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ, ସବ ଇନିସ୍ପେକ୍ଟର ଦିଲୀପ କୁମାର ସାମଲ, ବିଶ୍ୱଜିତ ସେଠୀ, ସୁଜୟ ଚକ୍ରବର୍ତ୍ତୀ, ଧନେଶ୍ୱର କିସ୍କୁ ପ୍ରମୁଖ ତଦନ୍ତ କରି ଆସାମୀକୁ ଧରିବାରେ ସଫଳ ହୋଇଥିଲେ। ଅଙ୍ଗନବାଡି କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭଦ୍ରକ ଜିଲ୍ଲା ବିଦେଇପୁର କସିଆ ଗ୍ରାମର ଜିତୁ ଓରଫ ସତ୍ୟବ୍ରତ ମଲ୍ଲିକ ୨୦(ବର୍ଷ) ଓ ରାଜା ଓରଫ ସନ୍ଦୀପ ମଲ୍ଲିକ ୨୦(ବର୍ଷ)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେହିପରି ସିମୁଳିଆ ଥାନାର ବିଭିଉ ଅଞ୍ଚଳରେ ମନ୍ଦିର ଲୁଟ ଘଟଣାରେ ୪ଜଣ ଯୁବକକୁ ଗିରଫ କରାଯାଇଛ। ଅଭିଯୁକ୍ତ ମାନେ ସିମୁଳିଆ ଅଂଚଳ ହୋଇଥିବା ବେଳେ ଖନ୍ତାପଡାର ଗୋଟିଏ କେସ, ଗୋପାଳପୁର ୨ଟି, ସିମୁଳିଆ ୧ ଓ ସୋରର ୬ଟି କେସରେ ବିଭିଉ ସ୍ଥାନରେ ଲୁଟର ସଂପୃକ୍ତ ଥିବା ନେଇ ଆଜି ସିମୁଳିଆ ଥାନା ପରିସରରେ ପୂର୍ବା□ଳ ଡିଆଇଜି ସତ୍ୟଜିତ ନାୟକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ସୂଚନାରୁ ପ୍ରକାଶ ସିମୁଳିଆ ଥାନାରେ ୨୫ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ମନ୍ଦିରରୁ ଲୁଟ ହୋଇଥିବା ବେଳେ ସିମୁଳିଆ ପୁଲିସ କେବଳ ଗୋଟିଏ ମନ୍ଦିର ଚୋରି ଘଟଣା ଧରିଥିବା ବେଳେ ଅନ୍ୟ ଗୁଡିକ କେବେ ଧରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଏହି ସମ୍ମିଳନୀରେ ବାଲେଶ୍ୱର ଏସପି ରାଜ ପ୍ରସାଦ, ଭଦ୍ରକ ଏସପି ମଦକର ସନ୍ଦୀପ ସମ୍ପତ,ସମେତ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ବେହେରା,ସିମୁଳିଆ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ସିମୁଳିଆ ଥାନାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେୟ ଉକ୍ତ ଲୁଟେରାଙ୍କ ନିକଟରୁ ୪ ହଜାରରୁ ଉର୍ଦ୍ଧ ଟଙ୍କା, ଲୁହା ରଡ଼, ଏକ ଛୁରୀ, ୪ଟି ରୁପା ମୁକୁଟ, ଦୁଇଟି କଂସା ଗଗରା ଜବତ କରିଛନ୍ତି ମରଣାତ୍ମକ ଆକ୍ରମଣର ଶିକାର ହୋଇଥିବା ଅଙ୍ଗନବାଡି କର୍ମୀଙ୍କର ଅପରାହ୍ନ ମୃତ୍ୟୁ ହୋଇଯାଇଛି। ଏଭଳି ଦୁଃଖଦ ଘଟଣା,ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## ସମ୍ବଲପୁରରେ କାର୍ଯ୍ୟକାରୀ ହେବ ଅତ୍ୟାଧୁନିକ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା




ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଞ୍ଚଳର ଅତ୍ୟାଧୁନିକ ପଦ୍ଧତିରେ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ପାଇଁ ସମ୍ବଲପୁର ମହାନଗର ନିଗମ ଜିଲା ପୁଲିସ ସହାୟତାରେ ଏକ ବୁଝାମଣା ପତ୍ର ଓକାକ ଦ୍ୱାରା ଚୟନିତ ସଂସ୍ଥା ଭିଏଲ ଏକ୍ସେସ ଇଣ୍ଡିଆ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛି। ମଙ୍ଗଳବାର ଜିଲା ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ଜିଲା ପୁଲିସ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ଏମଓୟୁ କମ୍ପାନୀ କର୍ତ୍ତୃପକ୍ଷ ସହିତ ସ୍ୱାକ୍ଷର କରିଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ଆଗାମୀ ୧ ଏପ୍ରିଲ ଉତ୍କଳ ଦିବସରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏଥି ପାଇଁ ୪.୯୬ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ନିଗମ ଅ□ଳରେ ୨୦୭ଟି ଏଆଇ ଯୁକ୍ତ କ୍ୟାମେରା ବିଭିଉ ୫୨ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ଲଗାଯିବୟ ଏହି ଅତ୍ୟାଧୁନିକ କ୍ୟାମେରା ଗୁଡିକରେ ବୁଲେଟ କ୍ୟାମେରା, ଫେସ ରେକଗିନେସନ କ୍ୟାମେରା, ପିଟିଜେଡ ଏବଂ ଷ୍ଟେଟ ଅଫ ଆର୍ଟ କ୍ୟାମେରା ଗୁଡିକ ସାମିଲ ରହିବୟ ଏହା ନିଗମ ଅଞ୍ଚଳର ସୁରକ୍ଷା ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏଥି ସହ ସୋଲାର ଯୁକ୍ତ ଟ୍ରାଫିକ ସିଗନାଲ ସିଷ୍ଟମ ୬ଟି ପ୍ରମୁଖ ସ୍ଥାନରେ ଲଗାଯାଇ ଟ୍ରାଫିକ ନିୟନ୍ତ୍ରଣ, ନିୟମ ଉଲ୍ଲଂଘନକାରୀ ମାନଙ୍କୁ ସ୍ୱୟଂ ଚାଳିତ ଇ ଚାଲାନ କରିବା ଆଦି ବିଭିଉ ବ୍ୟବସ୍ଥା ରହିବୟ କେନ୍ଦ୍ର ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଚାଲାଣ ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ପାଇଁ ସମ୍ବଲପୁର ଆଗାମୀ ଦିନରେ ରାଜ୍ୟର ୫ମ ସହର ରୂପେ ସାମିଲ ହେବୟ ଏଥି ପାଇଁ ଏକ ୟୁନିଫାଏଡ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର (ୟୁସିସିସି) ଜିଲା ପୁଲିସ ମୁଖ୍ୟାଳୟରେ ସ୍ଥାପିତ ହେବ। ଏଥି ସହ ଏହାର ସାଟେଲାଇଟ କେନ୍ଦ୍ର ଗୁଡିକ ମହାନଗର ନିଗମ ଓ ପରିବହନ କାର୍ଯ୍ୟାଳୟରେ ରହିବ। ସିମଲେସ ବ୍ୟବସ୍ଥାରେ ସମସ୍ତ କେନ୍ଦ୍ର ଗୁଡିକ ଯୋଡି ରହି ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବେ। ଏଆଇ ଯୁକ୍ତ ଟେକନୋଲୋଜିର ବ୍ୟବହାର ଯୋଗୁଁ ଆଗାମୀ ଦିନରେ ପୁଲିସ ମଧ ଜନତାଙ୍କ ସୁରକ୍ଷା କରିବା ଓ ଆପାତକାଳୀନ ସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣରେ ଏହା ସହାୟ ହେବୟ ସମ୍ବଲପୁରରେ ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଥିବା କମ୍ପାନୀକୁ ଓକାକ ଦ୍ୱାରା ଇ ଟେଣ୍ଡର ମାଧ୍ୟମରେ ଚୟନ କରାଯାଇଛି। ଏହି କମ୍ପାନୀ ପୁର୍ବରୁ ଭୁବନେଶ୍ୱର - କଟକ କମିଶନରେଟ ପୁଲିସ, ବ୍ରହ୍ମପୁର, କେନ୍ଦୁଝର ଓ ଅନୁଗୁଳ ଜିଲାରେ ଅନୁରୂପ ବ୍ୟବସ୍ଥା ସଫଳତାର ସହିତ କାର୍ଯ୍ୟକାରୀ କରୁଛି।

## ଚାନ୍ଦୁଆ ଉଦ୍ୟୋଗୀତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ




ପିପିଲି: ପିପିଲିର ଜୟ ଜଗନ୍ନାଥ ଆପ୍ଲିକ ପ୍ରଡ୍ୟୁସର କଂପାନୀ ଲିମିଟେଡ୍ ହୋଇଯାଇଛି। ଜୟ ଜଗଊାଥ ସହଯୋଗରେ ଭାରତ ସରକାରଙ୍କ ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ପକ୍ଷରୁ ମଙ୍ଗଳପୁର ସ୍ଥିତ ସୋନାକ୍ଷୀ ରିସୋର୍ଟ ଠାରେ ଏକ ଦିନିକିଆ ଚାନ୍ଦୁଆ ଉଦ୍ୟୋଗୀତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ଆପ୍ଲିକ ପ୍ରଡ୍ୟୁସର କଂପାନୀ ଲିମିଟେଡର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ରାମାନୁଜ ବୈରିଗଞ୍ଜନ, ଡ଼ଃ ଅନିତା ସାବତ ଏବଂ ଏସ୍‌ଓଏସ୍ କଂପାନୀର ପରିଚାଳନା ନିର୍ଦ୍ଦେଶକ ଦୀନବନ୍ଧୁ ବେହୁରା ପ୍ରମୁଖ ଯୋଗଦେଇ ନୂତନ ଚାନ୍ଦୁଆ ହସ୍ତଶିଳ୍ପ ଉଦ୍ୟୋଗୀ ଓ କାରିଗରଙ୍କୁ ବିଭିଉ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୋଗ ଦେଇଥିବା ଚାନ୍ଦୁଆ ହସ୍ତଶିଳ୍ପ କାରିଗରଙ୍କ ବିଭିଉ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ବାଇକକୁ ଧକ୍କା ଦେଇଥିବା ଟ୍ରଲର କଣ୍ଟେନରରୁ ୩୪ ଗୋରୁ ଉଦ୍ଧାର, ୩ ଗିରଫ



ପାଟଣା(ମହାଭାରତ) : କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥ ଅନ୍ତର୍ଗତ ତୁରୁମୁଙ୍ଗା ନିକଟରେ ଗତକାଲି ଏକ ଟ୍ରଲର ଏକ ବାଇକକୁ ଧକ୍କା ଦେଇ ଡିଭାଇଡ଼ରକୁ ଚଢି ଯାଇଥିଲା। ଦୁର୍ଘଟଣାରେ ବାଇକ ଆରୋହୀ ପଶ୍ଚିମ ସିଂଘଭୂମ୍ ର ମନୋହର ମହାରଣା ଗୁରୁତର ହୋଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଟ୍ରଲରକୁ ଜବତ କରି ତୁରୁମୁଙ୍ଗା ପୁଲିସ ତଦନ୍ତ କରୁଥିବା ସମୟରେ ଟ୍ରଲର କଣ୍□ନରର ସିଜି ୦୫ ଏପି ୯୭୯୦ ଭିତରୁ ୩୪ ଗୋରୁଙ୍କୁ ଉଦ୍ଧାର କରି ଡ୍ରାଇଭର ସମେତ ୩ ଜଣ ଗୋ ଚାଲାଣକାରୀଙ୍କୁ ତୁରୁମୁଙ୍ଗା ପୁଲିସ ଗିରଫ କରିଛି। ଗୋରୁ ଗୁଡିକୁ ଅତି ଦୟନୀୟ ଅବସ୍ଥାରେ ଗାଡିରେ ମାଫିଆମାନେ ଚାଲାଣ କରୁଥିଲେୟ ଗାଡି ଭିତରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ପଶୁ ଚିକିତ୍ସକଙ୍କ ଦ୍ୱାରା ଆହତ ଓ ଗୁରୁତର ଗୋରୁଙ୍କୁ ଚିକିତ୍ସା କରାଯିବା ପରେ ରାଇରଙ୍ଗପୁର ଗୋଶାଳାକୁ ଦିଆଯାଇଛି । ଗିରଫ ମାଫିଆମାନେ ଉତ୍ତର ପ୍ରଦେଶର ରାଜ୍ୟ ମୁଜାଫରନଗର ଜିଲ୍ଲା ଥାନା ଖଟୋଲି ଗ୍ରାମ କାଧାଲିର ମହମ୍ମଦ ମହଶୀନ ଏବଂ ପଞ୍ଜାବ ରାଜ୍ୟ ର ଜିଲ୍ଲା ତରତରନ ଗ୍ରାମ କଙ୍ଗ ର ରଣବୀର ସିଂ ଓ ଜସମେଲ ସିଂ ବୋଲି ଜଣାପଡ଼ିଛି। ଗୋ-ଚାଲାଣ କରୁଥିବା ଟ୍ରଲର ଗାଡିଟିକୁ ପୁଲିସ ଜବତ କରିଛିୟ ପୁଲିସ ଏଏସଆଇ ଦେବେନ୍ଦ୍ର ମୁର୍ମୁଙ୍କ ଏତଲା କ୍ରମେ ଥାନା କେଶ ନଂ ୨୮/୨୦୨୫ ମୂଳେ ଏସଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ କରିବା ସହ ଆଜି ସନ୍ଧ୍ୟାରେ ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛନ୍ତି।

# ରୁଙ୍ଗଟା ଶିଳ୍ପ ପ୍ରତିଷ୍ଠାନ ବିରୋଧରେ ହଜାର ହଜାର ଆଦିବାସୀ ଲୋକଙ୍କ ଗଣ ବିକ୍ଷୋଭ

## ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବି ପତ୍ର ପ୍ରଦାନ

ରାଇରଙ୍ଗପୁର (ମହାଭାରତ): ଦିନକୁ ଦିନ ରୁଙ୍ଗଟା ଶିଳ୍ପ ପ୍ରତିଷ୍ଠାନ କୁ ନେଇ ବଢୁଛି ବିରୋଧର ସ୍ୱର, ଶୀଳ୍ପ ପ୍ରତିଷ୍ଠାନ ବିରୋଧରେ ହଜାର ହଜାର ଲୋକଙ୍କ ଗଣ ବିକ୍ଷୋଭ, ଦୀର୍ଘ ପାଞ୍ଚ କିଲୋମିଟର ରୁ ବିଶାଳ ସଭା ଯାତ୍ରା ବାହାରି କଲେ ପ୍ରତିବାଦ,ଚାରି ଦଫା ଦାବି ନେଇ ବାମନଘାଟୀ ଉପଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ନେଇ ଆଜି ରୁଙ୍ଗଟା ବିରୋଧୀ ବିକ୍ଷୋଭ ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅ□ଳରେଯେଉଁଠି ତିନି ହଜାରରୁ ଉର୍ଦ୍ଧ ଆଦିବାସୀ ମହିଳା ପୁରୁଷ ରୁଙ୍ଗଟା ଶିଳ୍ପ ପ୍ରତିଷ୍ଠାନ ବିରୋଧ ରେ ଆଜି ଅଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ସ୍ଥାନରୁ ବାହାରି ଦୀର୍ଘ ପା□ କିଲୋମିଟର ରୋଡ ରାଲି କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସି ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି ତେବେ ତାଙ୍କ ଅଭିଯୋଗ ଅନୁସାରେ ଯେଉଁଠାରେ ରୁଙ୍ଗଟା କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛି ସେଠାରେ ଅଲଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଜନ୍ମ ସ୍ଥାନ ଏବଂ ତାଙ୍କର ସମାଧି ପିଠ ମଧ୍ୟ ଅବସ୍ଥାପିତ ତେଣୁ ଯାହା ଦ୍ୱାରା ଆଦବାସୀଙ୍କ ସମ୍ପ୍ରଦାୟର କଳା ସଂସ୍କୃତି ଐତିହ୍ୟର ଇତିହାସ ବିଲୁପ୍ତ ହେବା ସହିତ ଜୀବନ, ଜୀବିକା ଓ ଜଗଂଲ ଜମି ଅଧିକାର ଉପରେ ଅନେକ ପ୍ରଭାବିତ କରିବ ତେଣୁ ସେମାନେ ଏଠାରେ ରୁଙ୍ଗଟା ଶିଳ୍ପା□ଳ ଶୀଳ୍ପ ପ୍ରତିଷ୍ଠା କରିବାକୁ ଦେବେ ନାହିଁ ବୋଲି ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ତାଙ୍କର ଦାବି ପ୍ରତି କାର୍ଯାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସାରା ଓଡ଼ିଶାର ସମସ୍ତ ଆଦିବାସୀ ମାନେ ମିଳିତ ହୋଇ ରାଜରାସ୍ତାକୁ ଆସିବା ସହିତ ବିଶାଳ ଗଣଭିକ୍ଷବ କରିବେ ବୋଲି କଡା ଚେତାବନି ଦେଇଛନ୍ତି । ଏହି ରୁଙ୍ଗୁଟା ବିରୋଧୀ ସଭା ଯାତ୍ରା ରେ ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମୁଖ ରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ,ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ କୁଶ ପୁ□ଳିକା ଦାହ କରିବା ସହିତ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ




ଜଲେନ ନାଏକ କ ନାମ କୁ ନେଇ ମୁର୍ଦ୍ଦା ବାଦ୍ ନାରା ଦେଇଥିଲେ । କାର୍ଯ୍ୟକ୍ରମ ରେ ସାଲୁ କିସ୍କୁ , ଚମରୁ ସୋରେନ ,ଗୋପୀନାଥ ମାରାଣ୍ଡି,ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ସହସମ୍ପାଦକ ସୁଦର୍ଶନ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ବିଶାଳ ରାଲି ରେ ରୁଙ୍ଗୁଟା ଗୋ ବେକ୍ ରୁଙ୍ଗୁଟା ବିରୋଧରେ ବିକ୍ଷୋଭ ପ୍ରଦର୍ଶନେ ସଭା ଯାତ୍ରା କୁ ପରିଚାଳନା କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମୋଟ୍ ୯୧ଟି ଅଭିଯୋଗ ପଞ୍ଜୀକରଣ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ପଞ୍ଚାୟତ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୯୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥୁ ୧୫ଟି ସାମୂହିକ, ୭୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩ଟି ସମସ୍ୟାର ତତ୍କାଳ ସମାଧାନ ଏବଂ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଛି। ଅନ୍ୟପଟେ ୪ଜଣଙ୍କୁ ଶ୍ରମିକକାର୍ଡ ଏବଂ ଦୁଇ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେହେରା, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ବିଜୟ ସେଠୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଖୋଲାଯାଇଥିବା ବିଭିନ୍ନ ଷ୍ଟଲକୁ ଅଧିକାରୀମାନେ ବୁଲି ଦେଖିଥିଲେ।

## ଆସିକା ଏସ୍ଡିପିଓ ଭାବେ ଦାୟିତ୍ୱ ନେଲେ ସନ୍ତୋଷ ଜେନା

ଆସିକା (ମହାଭାରତ): ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଭବେ ନୂତନ ଏସ୍ଡିପିଓ ସନ୍ତୋଷ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଥାନା ଇଲାକାରେ ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧୀଙ୍କ ଦୃଢ଼ ହସ୍ତରେ ଦମନ ଓ ସେମାନଙ୍କ ଗତିବିଧି ଉପରେ ନଜର, ବେଆଇନ ମଦ ଧରପଗଡ଼, ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ଏବଂ ଜନସାଧାରଣଙ୍କ ସହ ଉତ୍ତମ ସଂପର୍କ ରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି। ସେ ଏଥି ପୂର୍ବରୁ ଆସିକା ଥାନା ଅଧିକାରୀ ଭାବେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ।ବର୍ତମାନ ସେ ଡ଼ିଏସପି ସିଆଇଆର ସେଲ ଜଗତସିଂହପୁର ପୁର ରେ କାର୍ଯ୍ୟରତ ଥିଲେ ।

## ପାଟଣା ପଶୁପାଳ କାର୍ଯ୍ୟାଳୟ ପକ୍ଷ ରୁ ହିତାଧିକାରୀ କୁକୁଡ଼ା ଛୁଆଁ ବଣ୍ଟନ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୁକୁଡ଼ା ଚାଷୀ ଙ୍କୁ ପାଟଣା ପଶୁପାଳ କାର୍ଯ୍ୟଳୟ ପକ୍ଷ ରୁ ବିଭିନ୍ନ ପଞ୍ଚାୟତ ରୁ ୧୧୨ଜଣ ହିତାଧିକାରୀ ଙ୍କୁ ୨୫ଟି ଲେଖାଏ କୁକୁଡ଼ା ଛୁଆଁ ବଣ୍ଟନ କରାଯାଇ ଛିଯ ଏହି କାର୍ଯ୍ୟକ୍ରମ ରେ ପଶୁପାଳ ଅଧିକାରୀ ଡକ୍ଟର ସତ୍ୟପ୍ରକାଶ ଦ୍ୱିବେଦୀ ଯୋଗଦାନ କରି ହିତାଧିକାରୀ ମାନଙ୍କୁ କୁକୁଡ଼ା ଛୁଆଁ ବଣ୍ଟନ କରି ଛନ୍ତି।

## ନୂତନ ବ୍ଲକଅଧ୍ୟକ୍ଷା ବୀଣାପାଣି ନାଏକ ଙ୍କୁ ଦାୟତ୍ୱ ପରେ ସମ୍ବର୍ଦ୍ଧନା



ପାଟଣା:-(ମହାଭାରତ)ଅନସ୍ଥା ରେ ଭୋଟ ପରେ ବ୍ଲକ ଅଧ୍ୟକ୍ଷା ଙ୍କୁ ସମର୍ଦ୍ଧନା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଅଧ୍ୟକ୍ଷା ସୁକାନ୍ତି ନାଏକ ଚଳିତ ମାସ ଫେବୃଆରୀ ୧୪ତାରିଖ ରେ ଅନାସ୍ଥା ଭୋଟରେ ହାରିବା ପରେ ବୀଣାପାଣି ନାଏକ ନୂତନ ଅଧ୍ୟକ୍ଷା ଦାୟିତ୍ୱ ନେଇ ଛନ୍ତି ।ଏହି ନୂତନ ଦାୟତ୍ୱ ନେବା ଅବସରରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ,ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ ତଥା ସମସ୍ତ କନିଷ୍ଠ ଯନ୍ତ୍ରୀ ମାନେ ପୁଷ୍ପଗୁଚ୍ଛ ଦେଇ ସମର୍ଦ୍ଧନା ଜଣାଇବା ସହିତ ପାଟଣା ବ୍ଲକ ସମର୍ଥକ ସରପଞ୍ଚ ଓ ସମିତିସଭ୍ୟ ମାନେ ଉପସ୍ଥିତ ରହି ନୂତନ ବ୍ଲକ ଅଧ୍ୟକ୍ଷା ଙ୍କୁ ଉପଢଙ୍କ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଛନ୍ତି ।

# ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା



ଅନୁଗୋଳ,(ମହାଭାରତ):ଅନୁଗୋଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ସ୍ଥାନୀୟ ଉ ପ୍ରା ବିଦ୍ୟାଳୟ ପରିସରରେ ତା ୧୭.୦୨.୨୦୨୫ ରିଖ ଦିନ ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ବ୍ଲକର ମୋଟ ୧୭ ଟି କ୍ଲଷ୍ଟର ର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ମେଳାରେ ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡକ୍ଟର ବିଶ୍ୱଭୂଷଣ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲ୍ଲା ଶୈକ୍ଷିକବିକାଶ ସଂଯୋଜକ ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀଭ ସରିତା ଦାସ ମଞ୍ଚ ପରିଚାଳନା କରିଥିଲେ। ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମେଳାର ଶୁଭାରମ୍ଭ କରାଯାଇଥିଲା। ତତ୍ପରେ କୁନି ଛାତ୍ରାତ୍ରୀମାନଙ୍କ ଦ୍ୱାରା ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରାଯାଇଥିଲା। ସଭାରେ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ନିପୁଣ ଓଡ଼ିଶା ଶପଥ ପାଠ କରାଯାଇଥିଲା। ଅତିଥି ମାନେ କୃତୀ ଛାତ୍ରଛତ୍ରୀମାନଙ୍କୁ ପୁରସ୍କାର ଓ ଅଂଶ ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି ମେଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିଲାମାନଙ୍କୁ ନିଷ୍ଠା ଏକାଗ୍ରତାର ସହ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ପରାମର୍ଶ ଦେଇଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଭାବକ ମାନଙ୍କୁ ଘରେ ପିଲାମାନଙ୍କର ଗାଇଡ କରିବା ଓ ନିୟମିତ ବିଦ୍ୟାଳୟ ଆସି ଶ୍ରେଣୀ ଶିକ୍ଷକ ଓ ବିଷୟ ଭିତ୍ତିକ ଶିକ୍ଷକଙ୍କ ସହ ନିଜ ପିଲାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ପାଇଁ କହିଥିଲେ। ପରିଶେଷରେ ପୋକତୁଙ୍ଗା ସି ଆର୍ ସି ସି ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଐତିହାସିକ ଦୋଳମେଳଣ ପାଇଁ ପ୍ରସ୍ତୁତି ବୈଠକ



କାକଟପୁର(ମହାଭାରତ : କାକଟପୁର ବ୍ଲକ ଅଧିନସ୍ଥ ସାଡେଙ୍ଗା ଗ୍ରାମରେ ଥିବା ଲବକୁଶ ଆଶ୍ରମରେ ଆସନ୍ତା ଦୋଳମେଳଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୋଳମେଳଣ ର ସ୍ଥାୟୀ କମିଟି ଅଧକ୍ଷ ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା ଅଧକ୍ଷତା କରିଥିଲେ କ୍ଷ ଦୋଳମେଳଣ କମିଟି ର ସ୍ଥାୟୀ ଉପଦେଷ୍ଟା ତଥା କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ସଭାପତି ଗୁରୁଚରଣ ବିଶ୍ୱାଳ, ଆଦିତ୍ୟ ମହାନ୍ତି,ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସଭାନେତ୍ରୀ ରଞ୍ଜନା ସ୍ୱାଇଁ, ସମ୍ପାଦିକା ଉର୍ମିଳା ସ୍ୱାଇଁ, ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ସହ ସମ୍ପାଦିକା ମମତା ପାତ୍ର, କାର୍ଯ୍ୟକର୍ତା ସଭ୍ୟା ଶୈଳବାଳା ସ୍ୱାଇଁ, ବିମଳା ସ୍ୱାଇଁ ଓ ସାଡେଙ୍ଗା ଗ୍ରାମର ସମସ୍ତ ଏସଏସଜି ଗ୍ରୁପ ର ସଦସ୍ୟା ଏବଂ ଆଶ୍ରମର ସମସ୍ତ ସଭ୍ୟ ସଭ୍ୟା ଯୋଗଦେଇ ଆସନ୍ତା ମାର୍ଚ୍ଚ ୧୭ ତାରିଖ ସୋମବାର ଦିନ ଦୋଳମେଳଣ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ମେଳଣ ଉତ୍ସବ କୁ ଚଳିତ ବର୍ଷ ଖୁବ ଧୂମଧାମରେ ପାଳନ କରିବାକୁ ନିମନ୍ତ୍ରିତ ଅତିଥି ମାନେ ପରାମର୍ଶ ଦେଇଥିଲେ । ଦୋଳମେଳଣ ପାଇଁ ୧୫ ଗୋଟି କମିଟି ଗଠନ କରାଯାଇ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବା ସହିତ ଉତ୍ସବ ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ସର୍ବଶେଷରେ ଧନ୍ୟବାଦ ଦିଆଯାଇ ସଭାସାଙ୍ଗକରାଯାଇଥିଲା ।

# କାରଖାନାର ବିକଟାଳ ଶବ୍ଦ ରେ ପ୍ରଭାବିତ ସ୍ଥାନୀୟ ବାସିନ୍ଦା

ଦାନଗଦି:( ମହାଭାରତ) କଳିଙ୍ଗନଗର ଯାଜପୁର ରେ ଶିଳ୍ପ ମାନ ଗୁମ୍ଫି ହୋଇ ହୁ ହୁ ହୋଇ ବଢ଼ିଚାଲିଥିବାବେଳେ, ଏ ଅ□ଳର ସମସ୍ୟା ଅନେକ କିନ୍ତୁ ସମାଧାନର ବାଟ ଖୋଜିବାକୁ ଲାଗିବସିଛନ୍ତି କଳିଙ୍ଗନଗର ବାସୀ, ସମାଧାନ ହେଉନାହିଁ ସମସ୍ୟା ହତାଶ ହୋଇ ପଡିଲେଣି ଅଞ୍ଚଳବାସୀ, କାରଖାନା ପାଖ ଲାଗିରହିଥିବା ଗ୍ରାମ ଗୁଡ଼ିକ ସମସ୍ୟା ଅନେକ ରହିଥିବାବେଳେ କଳିଙ୍ଗନଗର ଅଞ୍ଚଳ ପ୍ରଦୂଷଣ ହେଉ ବା ଟ୍ରାଫିକ ସମସ୍ୟା ବିକଟାଳ ଶବ୍ଦ କଥା କୁହନ୍ତୁ ବିଭିନ୍ନ ପ୍ରକାର ସମସ୍ୟା ଘେରରେ ପରିବେଶ ବିପଦପୂର୍ଣ୍ଣ ହୋଇଚାଲିଛି। କାରଖାନା କୁ ଲାଗିରହିଥିବା ଆଖ ପାଖର ଗ୍ରାମ ଉପରେ କାରଖାନାର ଧୂଳି ଧୂଆଁ ସହ ବିକଟାଳ ଶବ୍ଦ ଦୈନ୍ୟେ ଦିନ ଜୀବନରେ ସଭିଙ୍କ ପ୍ରଭାବିତ କରିଚାଲିଛି। କିଡ଼ିନ ଯକ୍ଷ୍ମା ଚର୍ମ ଅନେକ ଅଜଣା ରୋଗ ଅ□ଳ ବାସୀ ଙ୍କ ଉପରେ ଦାଉ ସାଜୁଛି, କିଡିନ ରୋଗରେ ଅନେକ ଜୀବନ ଜିବାସହ ଚର୍ମ ରୋଗରେ ଏ ଅଞ୍ଚଳର ୭୦ ଭାଗ ଲୋକେ ପିଡ଼ିତ,କାରଖାନାର ବିକଟାଳ ଶବ୍ଦ ରେ ସାରା ଅଞ୍ଚଳବାସୀ ସ୍ତବ୍ଧ ହୋଇପଡ଼ିଥିବା ବେଳେ ଦିନ ହେଉ ବା ରାତ୍ରୀ ସମୟରେ ସ୍ଥାନୀୟ ବାସିନ୍ଦା ଶାନ୍ତିରେ ଶୋଇବା ମଧ୍ୟ କଷ୍ଟକର ହୋଇପଡିଛି,କଳିଙ୍ଗନଗର ରେ ଟ୍ରାଫିକ ସମସ୍ୟା ଅନେକ ରହିଥିବାବେଳେ ଗାଡ଼ି ମୋଟର ଏତେ ମାତ୍ରାରେ ବଢିବାକୁ ଲାଗିଲାଣି ଯେ କେହି ଘରୁ ଗୋଡ଼ କାଢି ପଦାକୁ ବାହାରିବାକୁ ଭୟ କଲେଣି, ଦିନକୁ ଦିନ ଧୂଳି ଧୂଆଁ ର ଚାଦର ବଢ଼ିଚାଲିଛି , କାରଖାନା କୁ ଯାତାୟତ କରୁଥିବା ବସ ହେଉ ବା ମାଲ୍ ବୋଝେଇ ଭାରି ଯାନ ବେପୁରିଆ ଭାବେ ଗାଡ଼ି ଚଳାଚଳ କରିବା ସହ ଟ୍ରାଫିକ ର କୌଣସି ସୁବିଧା ନଥିବାହେତୁ କାରଖାନା ଭିତରେ ପ୍ରବେଶ ସମୟରେ ୨୦ କିମି ବେଗରେ ଗାଡ଼ି ଚଳାଚଳ କରୁଥିବାବେଳେ କାରଖାନା ରୁ ବାହାରିବା ମାତ୍ରେ ନିୟମ ମାନୁନାହାନ୍ତି ଡ୍ରାଇଭର, ଅତ୍ୟଧିକ ବେଗରେ ଗାଡି ଚଳାଚଳ ରେ ଦୁର୍ଘଟଣ ଘଟି ଅନେକ ପ୍ରାଣ ଗଲାଣି, କଳିଙ୍ଗନଗର ଅଞ୍ଚଳରେ ଦୁର୍ଘଟାଣ ଥମିବାରବି ନା ଧରୁନି,ପ୍ରତ୍ୟେକ ଦିନ କିଛି ନ କିଛି ଦୁର୍ଘଟଣା ଘଟିଚାଲିଛି, କାରଖାନା କୁ ଲାଗିରହିଥିବା ଗ୍ରାମ ସାରଙ୍ଗପୁର ଗ୍ରାମରେ କାରଖାନା ର ଶବ୍ଦ ପ୍ରଭାବିତ କରିବାସହ ବାରାଗଡ଼ିଆ ହରିଜନ ସାହିରେ ବାସିନ୍ଦାଙ୍କ ସମସ୍ୟା ଅନେକ ରହିଛି ବାରମ୍ୱାର ଗଣମାଧ୍ୟମ ସାମ୍ନାରେ ଅଙ୍ଗେ ନିଭାଇଥିବା କଥା ସବୁ ଉପସ୍ଥାପନ କରିଥିବାବେଳେ, ଏହାର ସମସ୍ୟା ସମାଧାନ କେବେହେବ ତାହା ସଭିଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରୁଛି ? ଏ ଅ□ଳର ସାରଙ୍ଗପୁର ବାସୀ କୁହନ୍ତି ସମସ୍ୟା ସମାଧାନ ନହେଲେ ଆଗାମୀ କେଇ ଦିନରେ ପୋକ ମାଛି ଭଳି ରୋଗରେ ପଡ଼ି ଏ ଅଞ୍ଚଳ ବାସିନ୍ଦା ଶୂନ୍ୟ ହୋଇଯିବେ।

## ବରିଷ୍ଠ ନାଗରିକ ମାନେ ଘର ର ବୋଝ ନୁହଁନ୍ତି, ସୁସ୍ଥ ସମାଜ ଗଠନ ରେ ମୁଖ୍ୟ ଅଙ୍ଗ:ଆଇପିଏସ ରାକେଶ

ହାଟଡିହି,(ମହାଭାରତ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକର୍ତାଙ୍କୁ ନେଇ ମଙ୍ଗଳବାର ନନ୍ଦିପଦା ଥାନା ଆଇପିଏସ ଅଧିକାରୀ ରାକେଶ କୁମାର ସାହୁ ହାଟଡିହି ହାଇସ୍କୁଲ ଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ସମ୍ପ୍ରତି ସମାଜରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବାବଦରେ ଗୁରୁତ୍ୱାରୋପ କରିଥିଲେ କ୍ଷ ଆଇପିଏସ ଅଧିକାରୀ ସାହୁ କହିଥିଲେ ଯେ ବରିଷ୍ଠ ନାଗରିକ ମାନେ ସମାଜର ମୁଖ୍ୟ କର୍ଣ୍ଣଧାରକ ଅଟନ୍ତି । ସେମାନଙ୍କୁ ହଡ଼ା ବଳଦ ଭାବିବା ଠିକ ନୁହେଁ । ବରିଷ୍ଠ ନାଗରିକ ମାନେ ସମାଜ ଗଠନ, ପରିବର୍ତ୍ତନ ଏବଂ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା, ଦୈନନ୍ଦିନ ଜୀବନ ଶୈଳୀ ଏବଂ ଖାଦ୍ୟକୁ ନେଇ ମଧ ଆଇପିଏସ ସାହୁ ପରାମର୍ଶ ଉପସ୍ଥାପନ କରିଥିଲେ । ନନ୍ଦିପଦା ଥାନା ଇନସ୍ପେକ୍ଟର ରବୀନ୍ଦ୍ର ପାତ୍ର,ନାଗରିକ ପରିଷଦର ସଭାପତି ଗୋଲଖ ଚନ୍ଦ୍ର ନାୟକ, ସମ୍ପାଦକ ସାରଙ୍ଗଧର ଜେନା , କାମପାଳ ନାୟକ,ଗଣନାଥ ନାୟକ, ମୋହନ ଚରଣ ବେହେରା, ନିରାକାର ପାତ୍ର, ଜୟ ନାରାୟଣ ମହାପାତ୍ର, ମଧୁସୂଦନ ଜେନା, ରକ୍ଷାକର ନାୟକ, କୃଷ୍ଣ ଚନ୍ଦ୍ର ଜେନା, ଅନାଦି ଚରଣ ପହି, ସନାତନ ଜେନା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ । ଇନସ୍ପେକ୍ଟର ପାତ୍ର କହିଥିଲେ ଯେ ବରିଷ୍ଠ ନାଗରିକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ଖସଡ଼ା ପ୍ରସ୍ତୁତ କରୁଛନ୍ତି । ତେଣୁ ବରିଷ୍ଠ ନାଗରିକ ମାନଙ୍କୁ ଚିହ୍ନଟ ଏବଂ ସରକାରୀ ସାହାଯ୍ୟ,ସହାୟତା ପାଇଁ ପୋଲିସ ଆବଶ୍ୟକୀୟ ଭୂମିକା ଗ୍ରହଣ କରି ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ପ୍ରକାରର ସାହାଯ୍ୟ କରିବାକୁ ସଦା ସର୍ବଦା ତତ୍ପର ଏବଂ ପ୍ରୟାସରତ ରହିଛି । ନାଗରିକ ପରିଷଦର ଅନନ୍ତ ଚରଣ ମୁଦୁଲି ବରିଷ୍ଠ ନାଗରିକ ଜୀବନୀକୁ ନେଇ ନିଜର କବିତା ମାଧମରେ ଆଲୋକପାତ କରିଥିଲେ।

## ନାଟ୍ୟକାର ଆପତ୍ତା ପରିଚ୍ଛାଙ୍କ ୧୪୭ତମ ଜୟନ୍ତୀ ପାଳିତ



ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଆପଦନ୍ନା ପରିଚ୍ଛା ସ୍ମୃତି ସଂସଦ, ପାରଳାଖେମୁଣ୍ଡିର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ଆପତ୍ତା ପରିଚ୍ଛାଙ୍କ ୧୪୭ତମ ଜୟନ୍ତୀ ଉତ୍କଳ ହିତୈଷିଣୀ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଜିତେନ୍ଦ୍ର ନାଥ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ର ,ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଆଶାଲତା ପାଣିଗ୍ରାହୀ ଓ ସମ୍ମାନିତ ବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗ ଦେଇ ନାଟ୍ୟକାର ଆପତ୍ତା ପରିଚ୍ଛାଙ୍କର ସ୍ମୃତି ଚାରଣ କରିବା ସହ ତାଙ୍କର ବିଭିନ୍ନ କ୍ଷେତ୍ରରେ ଥିବା ଅବଦାନକୁ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଲତା ଶୁଭ ଦର୍ଶିନୀ ଅତିଥିମାନଙ୍କୁ ମ□କୁ ସ୍ୱାଗତ ଜଣାଇଥିବା ବେଳେ ଅଧାପକ ଶ୍ରୀ ସୌଦାଗର ସିଅ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏବଂ ଅନୁଷ୍ଠାନର ସମ୍ପାଦକ ଶ୍ରୀ ମୁରଲୀଧର ପରିଚ୍ଛା ବିବରଣୀ ପାଠ କରିଥିଲେ। ଉକ୍ତ ସମାରୋହରେ ପରିଚ୍ଛା ମଠର ପୁନରୁଦ୍ଧାର ବିଷୟରେ ଆଲୋକପାତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ୱେତା ପଟ୍ଟନାୟକ, ସ୍ନିଗ୍ଧା ମିଶ୍ର,ତ୍ରିପତି ପ୍ରସାଦ ପଣ୍ଡା,ବିଷ୍ଣୁ ଚରଣ ପଣ୍ଡା,ସୁଧାଂଶୁ ଶେଖର ପଟ୍ଟନାୟକ,ଅଞ୍ଜନା ପଟ୍ଟନାୟକ,ସ୍ନେହା ବେହେରା, ନିତ୍ୟାନନ୍ଦ ଚୌଧୁରୀ ପ୍ରଭୃତି ପରିଚାଳନା କରିଥିଲେ।ଏହି ଅବସରରେ ।ଜାତୀୟ ଐତିହ୍ୟର ସ୍ମୃତିଞ୍ଚ ଞ୍ଚସୌଧ ପରିଚ୍ଛା ମଠଞ୍ଚ ପୁସ୍ତକର ଶୁଭ ଉନ୍ମୋଚନ ଅତିଥି ମାନଙ୍କ ଦ୍ୱାରା ହୋଇଥିଲା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯଥା ଘନଶ୍ୟାମ ଜେନା, ଶ୍ରୀମତୀ ଆଶାଲତା ପାଣିଗ୍ରାହୀ, ଡ଼ଃ କଲ୍ୟାଣୀ ମିଶ୍ର, ସୁଶ୍ରୀ ଶୃତି ମଞ୍ଜରୀ ବର୍ଦ୍ଧନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାୟ କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କାମାକ୍ଷା ଦର୍ଶନରେ ଗଲେ ଜିଲ୍ଲାର ୭୧ ବରିଷ୍ଠ ନାଗରିକ



ମାଲକାନଗିରି: ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ବରିଷ୍ଠ ନାଗରିକ ରାୟଗଡ଼ା ଅଭିମୁଖେ ସୋମବାର ଯାତ୍ରା କରିଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର,ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ମନୁଷ୍ୟ ଜୀବନ କାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି। ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତ୍ତୀ କମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି। ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ମଙ୍ଗଳବାର ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ ।ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା,ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି। ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି। ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କି□ନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ।

## ମାଁ ପିତାବଳୀ ବାର୍ଷିକ ପୂଜା ଉତ୍ସବ ଉଦ୍ଘାଟନ ରେ ଯୋଗଦେଲେ ସାଂସଦ ପ୍ରତିନିଧି ବିଧାୟକ ପ୍ରତିନିଧି

କନ୍ଧମାଳ (ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପାଙ୍ଗାଉପରସାହି ପଞ୍ଚାୟତ ମାଲା ଗ୍ରାମରେ ଚ ଶ୍ରୀ ଶ୍ରୀମାଁ ପିତାବଳୀ ବାର୍ଷିକ ଯାତ୍ରା ମହାଆଡମ୍ବରରେ ପାଳନ କରାଯାଇଛି। ମାଲା ଗ୍ରାମରେ ଶାଳଗଛ ମୂଳେ ଅବସ୍ଥିତ ଚ ଶ୍ରୀ ଶ୍ରୀ ମାଁ ପିତାବଳୀ ଠାକୁରାଣୀ ମନ୍ଦିର ଠାରେ ସମସ୍ତ ଗ୍ରାମବାସୀ ମିଳିମିଶି ନିଷ୍ଠାର ଭୋଗ ଅର୍ପଣ କରିବା ସହିତ ମନ୍ଦିର ପୂଜାରୀ ଗୋପାଳ କହଁର ଓ ବାହୁକୁ ଡାଡିଆ କହଁର ମାଁ ପିତାବଳୀ ଠାକୁରାଣୀ ଙ୍କୁ ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟ ପଟେ ମାଁ ପିତାବଳୀ ଠାକୁରାଣୀଙ୍କ ପୂଜା ଅବସରରେ ମାଁ ପିତାବଳୀ ଯାତ୍ରା କମିଟି ସଭାପତି ଶ୍ରୀ ଉଗିଲା କହଁର, ସମ୍ପାଦକ ଶ୍ରୀ ଦୁଗୁନି ଦିଗାଲ , ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେୟମ□ସ୍ଥନାଟକରସଭାପତିଶ୍ରୀ ବସିରାମ ଦିଗାଲ ,ସମ୍ପାଦକ ଶ୍ରୀ ରଞ୍ଜିତ କହଁର ,ମ୍ୟାନେଜର ଶ୍ରୀ ଏମ. ଡ଼ି ବାବୁ ,ଟହଲ୍ୟା ଶ୍ରୀ ଉଗୁ ବାବୁ ,ମୁଖ୍ୟ ସହଯୋଗୀ ଶ୍ରୀ ମତ୍ୟାନ ଦିଗାଲ , ଓ ସମସ୍ତ ସଦସ୍ୟ ଙ୍କ ସହଯୋଗର ଏକ ସାମାଜିକ ନାଟକ ପରିବେଶଣର ଆୟୋଜନ କରାଯାଇଥିଲା। ମାଲା ଗ୍ରାମ ଚ ଶ୍ରୀ ଶ୍ରୀ ମାଁ ପିତାବଳୀ ଯୁବ ନାଟ୍ୟ ସଂସଦ ଦ୍ୱାରା ରାତ୍ର ସମୟରେ ମହାନ ସାମାଜିକ ନାଟକ ଶିବପ୍ରସାଦ ନନ୍ଦ (ଶିବୁସାର) ଙ୍କ ନିର୍ଦ୍ଦେଶନାରେ କେତେ ଦୁଃଖ ଦବୁ କହ ଦଇବ ପରିବେଷଣ କରାଯାଇଥିବା ବେଳେ। ନାଟକ ଉଦଘାଟନ କାର୍ଯ୍ୟକ୍ରମରେ ଅ□ଳର ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର ,ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ,ପାଙ୍ଗାଉପର ସାହି ସରପଞ୍ଚ ରଶ୍ମିତା କହଁର,ନୂଆପଦର ସରପ□ ଶ୍ରୀ ଭବାନି ଶଙ୍କର କହଁର, ଡ଼ିମିରିଗୁଡା ସରପ□ ଶ୍ରୀ ମନୋଜ କହଁର ,ପାଙ୍ଗା ଶାଖା କୁଇସମାଜ ସଭାପତି ଶ୍ରୀ ସୁବାସ କହଁର ,ପାଙ୍ଗା ଉପର ସାହି ନାଏବ ସରପଞ୍ଚ ଶ୍ରୀମତୀ ଚମ୍ପାବତୀ କହଁରଯୋଗ ଦେଇଥିଲେୟ ଉଦଘାଟନ ସଭାରେ ମାଲା ଗ୍ରାମବାସୀ ମୁଖ୍ୟଅତିଥି ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର,ଓ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ଙ୍କୁ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ ମାଁ ପିତାବଳୀ ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ଓ ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କରିବା ନିମନ୍ତେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଅଭିଯୋଗ କରିଥିଲେ। ଶ୍ରୀ ଗୋଲକ ବିହାରୀ କହଁର ଓ ଶ୍ରୀ ପ୍ରଶାନ୍ତ କମ୍ପ ମଧ ଆଗାମୀ ଦିନରେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ସହିତ ଏ ସଂମ୍ପର୍କରେ ଆଲୋଚନା କରି ସରକାରଙ୍କ ତରଫରୁ ମନ୍ଦିର ଓ ପାଚେରୀ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଚୀନ୍ ସେନା ଯୁଦ୍ଧ ପାଇଁ ଉପଯୁକ୍ତ ନୁହନ୍ତି

**ବେଜିଂ,୧୮।୨(ଏଜେନ୍ସି):** ଚୀନକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଭାବରେ ବିବେଚନା କରାଯାଇଥାଏ । ଏହା ପାଖରେ ଏକ ଶକ୍ତିଶାଳୀ ସେନା ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଅଛି । ଚୀନ୍ ସେନା ବିଷୟରେ ଏହି ଧାରଣାକୁ ଏକ ନୂତନ ରିପୋର୍ଟ ଦ୍ୱାରା ଚ୍ୟାଲେଞ୍ଜ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ ସେନା ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ନୁହନ୍ତି । ଆମେରିକୀୟ ଥିଙ୍କ ଟ୍ୟାଙ୍କ ରାଣ୍ଡ କର୍ପରର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଚୀନ୍ର ଶାସକ ଦଳ ଯୁଦ୍ଧ ପାଇଁ ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ପରିବର୍ତ୍ତେ କ୍ଷମତାରେ ରହିବା ପାଇଁ ସୈନ୍ୟବାହିନୀକୁ ଉନ୍ନତ କରୁଛି । ଏପରି ପରିସ୍ଥିତିରେ, ଯେତେବେଳେ ସୁଯୋଗ ଆସିବ, ଚୀନ୍ ସେନା ଯୁଦ୍ଧକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ସିଏନଏନ ଅନୁଯାୟୀ, ଆମେରିକୀୟ ଥିଙ୍କ ଟ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି)ର ସେନାକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ କ୍ଷମତା ଉପରେ ନିଜର କବଜା ବଜାୟ ରଖିବା, କୌଣସି ବାହ୍ୟ ଶତ୍ରୁ ସହିତ ଲଢ଼ିବା ନୁହେଁ ।ରିପୋର୍ଟର ଲେଖକ, ଟିମୋଥି ହିଥ୍, ଯୁକ୍ତି ଦେଇଛନ୍ତି ଯେ, ଚୀନ୍ ସେନା (ପିଏଲଏ) ସି ଜିନପିଙ୍ଗ ଏବଂ ସିସିପି ଶାସନକୁ ବଜାୟ ରଖିବା ଉପରେ ଧ୍ୟାନ ଦେଉଛି । ଚୀନର ସାମରିକ ଆଧୁନିକୀକରଣ ସିସିପି ଶାସନର ଆକର୍ଷଣ ଏବଂ ବିଶ୍ୱସନୀୟତାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ. ପିଏଲଏ ଏହାର ତାଲିମ ସମୟର ୪୦ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ବିଷୟଗୁଡ଼ିକରେ ବିତାଇଥାନ୍ତି । ହିଥ୍ କୁହନ୍ତି, ଏହି ସମୟକୁ ଯୁଦ୍ଧରେ ଦକ୍ଷତା ହାସଲ କରିବା ପାଇଁ ବ୍ୟବହାର କରାଯାଇପାରିବ କିନ୍ତୁ ପ୍ରକୃତରେ ସେପରି ନୁହେଁ । ଆଧୁନିକ ଯୁଦ୍ଧ ପାଇଁ ପିଏଲଏ କେତେ ପ୍ରସ୍ତୁତ ସେ ବିଷୟରେ ପ୍ରଶ୍ନ ଉଠୁଛି । ପିଏଲଏ ୟୁନିଟର ନେତୃତ୍ୱ ମଧ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଯେଉଁମାନେ ଯୁଦ୍ଧ କ୍ଷମତା ଅପେକ୍ଷା ଦଳ ପ୍ରତି ଆନୁଗତ୍ୟ ଉପରେ ଗୁରୁତ୍ୱ ଦିଅନ୍ତି । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଆମେରିକା ଏବଂ ଚୀନ୍ ମଧ୍ୟରେ ପାରମ୍ପରିକ ଯୁଦ୍ଧର ସମ୍ଭାବନା ବହୁତ କମ । ପେଣ୍ଟାଗନର ଯୋଜନାକାରୀମାନେ କ୍ଷେପଣାସ୍ତ୍ର ଏବଂ ବୋମା ବ୍ୟତୀତ ଚୀନ୍ ବିପଦର ଏକ ବ୍ୟାପକ ପରିସର ଉପରେ ଧ୍ୟାନ ଦେବା ଉଚିତ । ତଥାପି, କିଛି ବିଶେଷଜ୍ଞ ରିପୋର୍ଟର ନିଷ୍କର୍ଷ ସହିତ ଏକମତ ନୁହଁନ୍ତି ।

## ମହାରାଷ୍ଟ୍ରରେ ରାଜନୈତିକ ବଳ କଷାକଷି

# ମୁହାଁମୁହିଁ ସ୍ଥିତିରେ ଫଡନାଭିସ ଓ ସିନ୍ଦେ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ମହାରାଷ୍ଟ୍ରରେ ଶାସନ ଭାର ସମ୍ଭାଳିଥିବା ମହାୟୁତି ମେଣ୍ଟର ଦୁଇ ହାଇ ଭୋଲ୍ଟେଜଙ୍କ ମଧ୍ୟରେ ବଳ କଷାକଷି । କିଛି ଏମିତି ଦେଖିବାକୁ ମିଳିଛି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧ୍ୟରେ। ଖବର ମୁତାବକ ଫଡନାଭିସ ନିକଟରେ ଆସିଷ୍ଟାନ୍ସ ଡେସ୍କ ଓ ମେଡିକାଲ ଆସିଷ୍ଟାନ୍ସ ଡେସ୍କର ଆରମ୍ଭ କରିଥିଲେ । ଏହାକୁ ଲକ୍ଷ୍ୟକରି ସିନ୍ଦେ ମଧ ନିଜ ଅଧିନରେ ଏକ ମେଡିକାଲ ଆସିଷ୍ଟାନ୍ସ ଡେସ୍କର ଆରମ୍ଭ କରିଛନ୍ତି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ସିନ୍ଦେ ନିଜ ଡେସ୍କକୁ ଫଡନାଭିସଙ୍କ ଅଫିସ ନିକଟରେ ହିଁ ଆରମ୍ଭ କରିଛନ୍ତି । ମହାରାଷ୍ଟ୍ରରେ ଥିବା ମନ୍ତ୍ରଣାଳୟ ବିଲ୍ଡିଂ(ରାଜ୍ୟ ସେକ୍ରେଟେରିଏଟ) ଏହି ବଳ କଷାକଷିର ମୁକସାକ୍ଷି ହୋଇ ଛିଡାହୋଇଛି । ଯେଉଁଠି ଫଡନାଭିସ ନିଜ କାର୍ଯ୍ୟାଳୟରୁ ରାଜ୍ୟର ମୁଖ୍ୟ ପ୍ରକଳ୍ପ ଗଡିକର ମନିଟରିଂ ଓ ଗୁରୁତ୍ୱପୂର୍ଣ୍ଣ ମିଟିଂ ଜାରି ରଖିଛନ୍ତି । ଅନ୍ୟପଟେ ସିନ୍ଦେ ଫଡନାଭିସଙ୍କ ଅଫିସ ସମ୍ମୁଖରେ ଅନ୍ୟ ଏକ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି । ସେ ଏହି କାର୍ଯ୍ୟାଳୟରେ ଏକ ସମନ୍ୱୟ କମିଟି ଗଠନ କରି ମହାରାଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡିକର ସମୀକ୍ଷା କରୁଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଏ ସମ୍ପର୍କରେ ମତ ଦେଇ କହିଛନ୍ତି ଯେ ଏଥିରେ କୌଣସି ଅସୁବିଧା ନାହିଁ । ଉପମୁଖ୍ୟମନ୍ତ୍ରୀ ହିସାବରେ ସିନ୍ଦେ ନିଜର ଏକ ନୂଆ ଅଫିସ ଗଠନ କରିଛନ୍ତି । ସରକାରରେ ପୂର୍ବରୁ ତାଙ୍କର ଅନେକ ଅଭିଜ୍ଞତା ରହିଛି । ସେହି ଆଧାରରେ ସେ ମହାରାଷ୍ଟ୍ର ସରକାରଙ୍କ କାମ କିପରି ସୁରୁଖୁରୁରେ ସମ୍ପାଦନ ହେବ ସେ ତାହା ଉପରେ ଧ୍ୟାନ ଦେଉଛନ୍ତି । ତେବେ ସିନ୍ଦେଙ୍କ ଶିବସେନା ଦଳର ମୁଖିଆ ଓ ମନ୍ତ୍ରୀ ମାନେ ଏହାକୁ ନେଇ ନିଜର ଏକ ଭିନ୍ନ ମତ ରଖିଛନ୍ତି । ଦୁଇଟି ଅଲଗା ଅଲଗା ଅଫିସ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଛି । ଏହା ଦ୍ୱାରା ତ୍ୱରିତ ବେଗରେ ନିଷ୍ପତ୍ତି ଗ୍ରହଣ କରିବା ସହ ଏହାର କର୍ଯ୍ୟକାରିତାକୁ ବେଗ ପ୍ରଦାନ କରୁଛି ବୋଲି ସେମାନେ ନିଜ ମତ ପ୍ରକାଶ କରିଛନ୍ତି । ସୂଚନା ମୁତାବକ, ପ୍ରାରମ୍ଭିକ ସ୍ତରରେ ସିନ୍ଦେଙ୍କୁ ବିପର୍ଯ୍ୟୟ ପରିଚାଳନା କମିଟିରେ ମିଶାଯାଇ ନଥିଲା। ମହାରଷ୍ଟ୍ର ସରକାରଙ୍କ ଏହି ନିଷ୍ପତ୍ତିରେ ସିନ୍ଦେ କ୍ଷୁବ୍ଧ ହୋଇଯାଇଥିଲେ ।ତେବେ ବର୍ତ୍ତମାନ ସେ ନୂତନ ଭାବେ ପ୍ରଣୟନ କରିଥିବା ନିୟମରେ ସିନ୍ଦେ ସିଧାସଳଖ କମିଟିର ଜଣେ ସଦସ୍ୟ ହୋଇପାରିଛନ୍ତି । ସେହିପରି ରାଇଗଡ ଓ ନାସିକ ଜିଲ୍ଲା ପାଇଁ ଜଣେ ଗାର୍ଡିଏନ ମନ୍ତ୍ରୀଙ୍କ ଆବଶ୍ୟକତା ରହିଥିବାରୁ ଫଡନାଭିସ ନିଜ ପସନ୍ଦର ବିଧାୟକଙ୍କୁ ଏଠାକୁ ପଠାଇବା ପାଇଁ ଆଦେଶ ଜାରି କରିଥିଲେ । କିନ୍ତୁ ସିନ୍ଦେଙ୍କ ଶିବସେନା ଗୋଷ୍ଠିର ବିଧାୟକମାନେ ଏହି ଆଦେଶ ବରୋଧରେ ବିଦ୍ରୋହ କରିଥିଲେ । ରାଜନୈତିକ ଭାଗବଣ୍ଟାକୁ କେନ୍ଦ୍ର କରି ଶିବ ସେନା ଦଳ ମହାରାଷ୍ଟ୍ର ସରକାରଙ୍କ ଉପରେ ନିଜ ଅସନ୍ତୁଷ୍ଟି ଜାହିର କରି ଆସୁଛି । ଯେଉଁଥି ପାଇଁ ମହାୟୁତିର ଉଭୟ ଦଳ ବିଜେପି ଓ ଶିବ ସେନା ଦଳ ମଧ୍ୟରେ ବଳ କଷାକଷି ହେଉଥିବା ଦୃଶ୍ୟ ସାମ୍ନାକୁ ଆସୁଛି ।

# ୟୁକ୍ରେନକୁ ୧ ଲକ୍ଷ ସୈନିକ ଦେବ ୟୁରୋପ !

**କିଭ୍,୧୮।୨(ଏଜେନ୍ସି):** ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ଚୀନର ପ୍ରୟାସ ସାମ୍ପ୍ରତିକ ସମୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସାଉଦି ଆରବରେ ଏହି ପ୍ରସଙ୍ଗରେ ରୁଷିଆ ଏବଂ ଆମେରିକା ମଧ୍ୟରେ ଆଲୋଚନା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏସବୁ ମଧ୍ୟରେ, ୟୁକ୍ରେନ୍ ସରକାର ନିଜ ଦେଶର ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ ଜୋର ଦେଉଛନ୍ତି। ଏପରି ପରିସ୍ଥିତିରେ, ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ରୁଷିଆ ସୀମାରେ ଏକ ଲକ୍ଷ ସୈନିକଙ୍କ ଶାନ୍ତି ସେନା ମୁତୟନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ନାଟୋ ସଦସ୍ୟତା ପାଇବା ପାଇଁ ୟୁକ୍ରେନର ପ୍ରୟାସକୁ ଆମେରିକା ପ୍ରତ୍ୟାଖ୍ୟାନ କରିବା ପରେ ତାଙ୍କର ଏହି ପ୍ରସ୍ତାବ ଆସିଛି। ଆମେରିକା ମଧ୍ୟ ୟୁକ୍ରେନରେ ନିଜର ସୈନ୍ୟ ମୁତୟନ କରିବାକୁ ମନା କରିଦେଇଛି । ଏପରି ପରିସ୍ଥିତିରେ, ଜେଲେନସ୍କି ସୁରକ୍ଷାର ବିକଳ୍ପ ଗ୍ୟାରେଣ୍ଟି ଖୋଜୁଛନ୍ତି। ତଥାପି, ବଡ଼ ପ୍ରଶ୍ନ ହେଉଛି ଯେ, ଆମେରିକାର ପ୍ରତ୍ୟାହାର ପରେ ୟୁରୋପ କେବଳ ଏତେ ବଡ଼ ଶାନ୍ତି ବାହିନୀକୁ ସଂଗଠିତ କରିପାରିବ କି ?ୟୁରେସିଆନ୍ ଟାଇମ୍ସ ରିପୋର୍ଟ କରିଛି ଯେ, ଖମେଲନିଟସ୍କି ପରମାଣୁ ଶକ୍ତି କେନ୍ଦ୍ର ପରିଦର୍ଶନ ସମୟରେ, ଜେଲେନସ୍କି କହିଥିଲେ, ପ୍ରଶ୍ନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ରହିଛି । ଏହା କିପରି ନାଟୋ କିମ୍ବା ଶକ୍ତିଶାଳୀ କ୍ଷେପଣାସ୍ତ୍ର ଏବଂ ପରମାଣୁ ଅସ୍ତ୍ର ମାଧ୍ୟମରେ ସାକାର ହେବ । ନଚେତ୍ ଆମକୁ କିଛି ପ୍ୟାକେଜ୍ ଦିଆଯିବ । ଜେଲେନସ୍କି କହିଛନ୍ତି, ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ସୀମାରେ ୧ ଲକ୍ଷ ସାମରିକ କର୍ମଚାରୀଙ୍କ ଆବଶ୍ୟକତା ଅଛି ଏବଂ ଆମେ ସେମାନଙ୍କୁ ପାଇବା ଉଚିତ୍ । ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ସୀମାକୁ ଦୃଷ୍ଟିରେ ରଖି, ପ୍ରତି କିଲୋମିଟରରେ ୧ ଲକ୍ଷ ସୈନିକଙ୍କ ଶାନ୍ତି ସେନା ଗୋଟିଏ ପ୍ଲାଟୁନରୁ କମ୍ ହେବ । ୟୁକ୍ରେନ୍ ଯୁଦ୍ଧରେ ସକ୍ରିୟ ଫ୍ରଣ୍ଟଲାଇନ୍ ପ୍ରାୟ ୧,୨୦୦ କିଲୋମିଟର ଲମ୍ବା । ୟୁକ୍ରେନ ଏବଂ ରୁଷିଆ ସୀମା ସହିତ, ଏହି ସୀମା ରେଖା ୨.୩୦୦କିଲୋମିଟରରୁ ଅଧିକ ଲମ୍ବାୟ ରୁଷିଅ। ବେଲାରୁଷରେ ହଜାର ହଜାର ସୈନ୍ୟ ମୁତୟନ କରିବାକୁ ଯୋଜନା କରୁଛି। ତେଣୁ, ନିର୍ଭରଯୋଗ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ୟୁକ୍ରେନ-ବେଲାରୁଷ ସୀମାରେ ଅନ୍ତର୍ଜାତୀୟ ଶାନ୍ତିସେନା ବାହିନୀକୁ ମଧ୍ୟ ମୁତୟନ କରାଯିବା ଉଚିତ । ୟୁକ୍ରେନ-ବେଲାରୁଷ ସୀମା ୧୧୦୦ କିଲୋମିଟର । ଏପରି ପରିସ୍ଥିତିରେ, ୩,୪୦୦ କିଲୋମିଟର ଲମ୍ବା ସୀମାରେ ଶାନ୍ତି ସେନାକୁ ମୁତୟନ କରିବାକୁ ପଡିବ।

# ଭାରତ ପ୍ରତି କୌଣସି ବିପଦ ହେବାକୁ ଦେବୁ ନାହିଁ: ବାଂଲାଦେଶ

**ଢାକା,୧୮।୨(ଏଜେନ୍ସି):** ବାଂଲାଦେଶର ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ତୌହିଦ ହୁସେନ ଭାରତ ସହିତ ଭଲ ସମ୍ପର୍କ ଏବଂ ପାକିସ୍ତାନ ସହିତ ସମ୍ପର୍କ ବିଗିଡ଼ି ରହିଥିବା ବିଷୟରେ କହିଛନ୍ତି । ସେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହେଉଥିବା ହିଂସାର ମଧ୍ୟ ଉତ୍ତର ଦେଇଛନ୍ତି । ହୁସେନ ବାଂଲାଦେଶର ଆଭ୍ୟନ୍ତରୀଣ ରାଜନୀତିରେ ଅସ୍ଥିରତା ଏବଂ ଶେଖ ହାସିନାଙ୍କ ସରକାରର ପତନ ପରେ ବୈଦେଶିକ ନୀତିରେ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଥିଲେ ଯେ, ଢାକା ଦ୍ୱାରା ଭାରତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ମହମ୍ମଦ ତୌହିଦ ହୁସେନ ରବିବାର ଓମାନରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ମଧ୍ୟ ଭେଟିଥିଲେ । ଭାରତ ସହିତ ସମ୍ପର୍କ ବିଷୟରେ ପଚରାଯିବାରୁ, ତୌହିଦ ହୁସେନ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ତାଙ୍କର ସାକ୍ଷାତକୁ ଉଲ୍ଲେଖ କରି କହିଥିଲେ, ଦୁଇ ଦେଶ ମଧ୍ୟରେ ଭଲ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ।ଏସ୍ ଜୟଶଙ୍କରଙ୍କ ସହ ମୋର ଏକ ଭଲ ସାକ୍ଷାତ ହୋଇଥିଲା, ଆମେ ଅନେକ ପ୍ରସଙ୍ଗରେ ଆଲୋଚନା କରିଥିଲୁ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି ପାଉଛି। ମୁଁ ଭାବୁଛି ବାଂଲାଦେଶ ଏବଂ ଭାରତ ମଧ୍ୟରେ ଭଲ ପାରସ୍ପରିକ ଲାଭଦାୟକ ସମ୍ପର୍କ ଆବଶ୍ୟକ । ଆମେ ମଧ୍ୟ ଏହା ଉପରେ ନିରନ୍ତର କାମ କରୁଛୁ ।ବାଂଲାଦେଶରେ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଇଥିବା ସମ୍ପ୍ରତି ରିପୋର୍ଟ ଆସିଛି। ଭାରତ ପକ୍ଷରୁ ମଧ୍ୟ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଚିନ୍ତା ପ୍ରକାଶ କରାଯାଇଛି । ଏହା ଉପରେ ହୁସେନ କହିଥିଲେ ଯେ, ହିନ୍ଦୁମାନେ ମଧ୍ୟ ମୁସଲମାନମାନଙ୍କ ପରି ବାଂଲାଦେଶର ନାଗରିକ । ସରକାର ସେମାନଙ୍କ ସୁରକ୍ଷା ପାଇଁ ଦାୟୀ ଏବଂ ଆମେ ଆମର ସଂଖ୍ୟାଲଘୁଙ୍କ ଯତ୍ନ ନେବୁ। ଏହା ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏକ ସମସ୍ୟା ହେବା ଉଚିତ୍ ନୁହେଁ । ଏହା ଆମର ଆଭ୍ୟନ୍ତରୀଣ ମାମଲା । ପାକିସ୍ତାନ ସହିତ ସମ୍ପର୍କ ବିଷୟରେ ହୁସେନ କହିଛନ୍ତି ଯେ, ଭିସା ବ୍ୟବସ୍ଥା ଯୋଗୁ ପାକିସ୍ତାନକୁ ବାହାରେ ରଖାଯାଇଥିଲା । ସେ କହିଥିଲେ, ଆମେ ପାକିସ୍ତାନକୁ କେବଳ ଅନ୍ୟ ଏକ ସାଧାରଣ ଦେଶ ଭାବରେ ଦେଖୁଛୁ । ପାକିସ୍ତାନ ସହିତ ଏକ ସାଧାରଣ ବୈଠକ ଉପରେ ମଧ୍ୟ ହଙ୍ଗାମା କରିବା ଠିକ୍ ନୁହେଁ । ଆମେ ପାକିସ୍ତାନ ସମେତ ଅନ୍ୟ ଦେଶ ସହିତ ସମ୍ପର୍କ ସ୍ୱାଭାବିକ କରୁଛୁ । ସେ ଆଶ୍ୱାସନା ଦେଇଥିଲେ ଯେ, ପାକିସ୍ତାନ ସହିତ ସମ୍ପର୍କ ଭାରତର ସୁରକ୍ଷା ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ । ଢାକାରେ ବାଂଲାଦେଶର ପ୍ରତିଷ୍ଠାତା ମୁଜିବୁରହମାନଙ୍କ ଘର ଭଙ୍ଗାଯିବା ସମ୍ପର୍କରେ ହୁସେନ କହିଛନ୍ତି, ଏହା ହସିନାଙ୍କ ମନ୍ତବ୍ୟର ପ୍ରତିକ୍ରିୟା ଥିଲା । ସେ କହିଥିଲେ, ମୁଁ ଏହାକୁ ଯଥାର୍ଥ କହିବି ନାହିଁ କିନ୍ତୁ ଏହାର କାରଣ ଥିଲା ଶେଖ ହସିନାଙ୍କ ବକ୍ତବ୍ୟ । ମୁଁ ଚାହେଁ ହସିନା ଚୁପ୍ ରୁହନ୍ତୁ । ମୁଁ ଏହା ମଧ୍ୟ ସ୍ପଷ୍ଟ କରିବାକୁ ଚାହେଁ ଯେ, ବାଂଲାଦେଶର ପରିଚୟ ଗୋଟିଏ କୋଠା ନୁହେଁ । ବାଂଲାଦେଶରେ ନିର୍ବାଚନ ଘୋଷଣା ସମ୍ପର୍କରେ ସେ କହିଛନ୍ତି, ଦେଶରେ ଏକ ରାଜନୈତିକ ପରିବର୍ତ୍ତନ ଆସିଛି। ଆମେ କିଛି ସଂସ୍କାର ଦେଇ ଗତି କରୁଛୁ ।

# ଆରମ୍ଭ ହେଲା ଯମୁନା ନଦୀ ସଫେଇ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ଦିଲ୍ଲୀରେ ସରକାର ଗଠନ ହେବା ପୂର୍ବରୁ ଯମୁନା ସଫା କରିବା କାମ ଆରମ୍ଭ ହୋଇଛି । ଏଭଳି ସ୍ଥିତିରେ ଖୁବଶୀଘ୍ର ଯମୁନା ସ୍ୱଚ୍ଛ ହେବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ବିଧାନସଭା ନିର୍ବଚନ ସମୟରେ ଯମୁନା ନଦୀକୁ ସଫା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ରାଜଧାନୀ ଦିଲ୍ଲୀର ଯମୁନା ନଦୀକୁ ସଫା କରିବା ପାଇଁ ଆବର୍ଜନା ସ୍କିମର, ଗଛ ହାର୍ଭେଷ୍ଟର ଏବଂ ଡ୍ରେଜ୍ ୟୁଟିଲିଟି କ୍ରାଫ୍ଟ ଭଳି ଅତ୍ୟାଧୁନିକ ମେସିନ୍ ବ୍ୟବହାର କରାଯାଇଛି । ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣଙ୍କୁ ଭେଟି ତୁରନ୍ତ କାମ ଆରମ୍ଭ କରିବାକୁ କହିଛନ୍ତି। ଯମୁନା ନଦୀର ସଫେଇ ସମ୍ପର୍କିତ ଏକ ଭିଡିଓ ଜାରି କରି ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ କହିଛି ଯେ, ଯମୁନା ନଦୀକୁ ସଫା କରିବା କାମ ଆରମ୍ଭ ହୋଇଛି । ମଇଳା ହଟାଇବା ପାଇଁ ସ୍କିମର୍ ଏବଂ ଡ୍ରେଜ୍ ୟୁଟିଲିଟି କ୍ରାଫ୍ଟ ଭଳି ମେସିନ୍ ବ୍ୟବହାର କରି ଯମୁନାକୁ ସଫା କରାଯାଉଛି। ଯମୁନା ନଦୀକୁ ସଫା କରିବା ପାଇଁ ୪ ସୂତ୍ରୀ ରଣନୀତି ପ୍ରସ୍ତୁତ କରାଯାଇଛି ।

# ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ

**ମୁମ୍ବାଇ,୧୮।୨(ଏଜେନ୍ସି):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଡିଏସ୍‌ପି ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଏହା ଏକ ଓପନ ଏଣ୍ଡେଡ ସ୍କିମ୍ ଯାହା ନିବେଶକଙ୍କୁ ବେସରକାରୀ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିବେଶ କରିବା ନିମନ୍ତେ ଏକ ଦୃଷ୍ଟିନିବଦ୍ଧକାରୀ ଆଭିମୁଖ୍ୟ ଯୋଗାଇଦେବାକୁ ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସର ପ୍ରତିକୃତି/ଟ୍ରାକିଂ କରିବ। ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ନେଇ ଅଧିକ ଉତ୍ସାହୀ ଥିବା ନିବେଶକମାନେ ଏହି ଫଣ୍ଡରେ ନିବେଶ କରିପାରିବେ, ଯେଉଁମାନଙ୍କର ଦୃଷ୍ଟିନିବଦ୍ଧକାରୀ ଆଭିମୁଖ୍ୟ ସେମାନଙ୍କୁ ଚାରିଟି ସର୍ବବୃହତ ବେସରକାରୀ ବ୍ୟାଙ୍କ ସଂସ୍ପର୍ଶରେ ଆଣୁଛି ଯେଉଁବ୍ୟାଙ୍କଗୁଡିକ ଏହି ଇଣ୍ଡେକ୍ସରେ ପ୍ରାୟ ୮୦% ଅଂଶ ରଖୁଛନ୍ତି। ଡିଏସ୍‌ପିର ବିଶ୍ୱାସ ଯେ ନିଫ୍‌ଟି ପ୍ରାଇଭେଟ ବ୍ୟାଙ୍କ ଇଣ୍ଡେକ୍ସ ମଧ୍ୟରେ ବୃହତ୍ତର ବ୍ୟାଙ୍କଗୁଡିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯିବା ଦ୍ୱାରା ସେଥିରୁ ଫାଇଦା ମିଳିପାରିବ। ଗ୍ରାହକମାନେ କ୍ଷୁଦ୍ର ବ୍ୟାଙ୍କଗୁଡିକ ତୁଳନାରେ ବୃହତ୍ତର ବ୍ୟାଙ୍କଗୁଡିକୁ ଅଧିକ ଭରସା ଓ ପସନ୍ଦ କରିଥାନ୍ତି। ଏହା ଉଚ୍ଚତର ଋଣ ଅଭିବୃଦ୍ଧି, ପୁଞ୍ଜି ଓ ବୃହତ୍ତର ଅର୍ଥନୀତି ପ୍ରତି ଅଧିକ ଉନ୍ନତ ସୁଯୋଗ ପ୍ରଦାନକୁ ସୁଗମ କରିଥାନ୍ତି- ଏବଂ ଏହାଦ୍ୱାରା ଏହି ବ୍ୟାଙ୍କଗୁଡିକୁ ଦୀର୍ଘକାଳ ତିଷ୍ଠି ରହିବା ଏବଂ ଅଧିକ ଅଭିବୃଦ୍ଧି ହାସଲ କରିବାରେ ସହାୟତା

# ସିଲ୍‌ଇଟ୍‌ଓ୍ୱିଥ୍ ପ୍ଲାଟିନମ୍ ସାରତତ୍ତ୍ୱ ଧରିରଖିବାକୁ ଯୋଗ୍ୟ ଧାତୁ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ପ୍ରେମର ମାସ ଉପନୀତ ହୋଇଛି, ଆମକୁ ଗଭୀର, ବାସ୍ତବ ଏବଂ ଚିରସ୍ଥାୟୀ ସଂଯୋଗଗୁଡିକ ପାଳନ କରିବାକୁ ଆମନ୍ତ୍ରଣ କରୁଛି। କୌଣସି ପ୍ରକାର ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱରେ, 'ଏହା ହୋଇପାରିବ କି ?' ବୋଲି ଅନିଶ୍ଚିତତାରୁ ଦୂରରେ ଏବଂ 'ଏହା ହିଁ ଅଟେ'ର ଉଲ୍ଲାସକୁ ପାଳନ କରୁଥିବା ପ୍ରେମକୁ ସମ୍ମାନ ଜଣାଇବାର ସମୟ ଆସିଛି। ଏହା ସେହି ହସରେ ଭରି ରହିଛି ଯାହା ଲାଗିରହେ, ଏକ ଆଶ୍ୱସ୍ତିମୂଳକ ନୀରବତା ଏବଂ ଆପଣ ସେହି ଜଣଙ୍କୁ ଖୋଜି ପାଇଥିବାର ନିଶ୍ଚିତତାରେ ପରିଲକ୍ଷିତ ହେଉଛି। ଏକତ୍ର ବିତାଇଥିବା ମୁହୂର୍ତ୍ତଗୁଡିକ ଯେତେବେଳେ ଜୀବନତମାମ ନିମନ୍ତେ ଏକ ଯୋଜନାରରେ ରୂପାନ୍ତରିତ ହୁଏ, ସେତେବେଳେ ଆପଣ ଜାଣନ୍ତି ଯେ ଆପଣ ଏକ ପ୍ରେମକୁ ଆବିଷ୍କାର କରିଛନ୍ତି, ଯାହା ଶାଶ୍ୱତ, ମୂଲ୍ୟବାନ ଏବଂ ବିରଳ। ଚଳିତ ମାସରେ ଆପଣ ପ୍ରେମକୁ ଏହାର ଅତ୍ୟନ୍ତ ବାସ୍ତବ ଏବଂ ବିରଳତମ ରୂପରେ ପାଳନ କରୁଥିବାବେଳେ ତାହାକୁ ସ୍ମରଣୀୟ କରନ୍ତୁ, ଏବଂ 'ସିଲ୍‌ଇଟ୍‌ଓ୍ୱିଥ୍ ପ୍ଲାଟିନମ୍- ଏହାର ସାରତତ୍ତ୍ୱ ଧରିରଖିବାକୁ ଯୋଗ୍ୟ ଏକମାତ୍ର ଧାତୁ ଅଟେ। ୯୫ ପ୍ରତିଶତ ଶୁଦ୍ଧ ଏବଂ ବିଶ୍ୱବ୍ୟାପୀ ଅଳ୍ପକିଛି ବଛା ବଛା ସ୍ଥାନରେ ଉପଲବ୍ଧ ହେଉଥିବା ତଥା ସୁନା ତୁଳନାରେ ୩୦ଗୁଣ ବିରଳ ଧାତୁ ପ୍ଲାଟିନମ୍‌ରୁ ପ୍ରସ୍ତୁତ- ପ୍ଲାଟିନମ୍ ଲଭ ବ୍ୟାଣ୍ଡ୍‌ଗୁଡିକ କେବଳ ମାତ୍ର ଗହଣା ନୁହେଁ; ସେଗୁଡିକ ପ୍ରେମର ଏକମାତ୍ର ପ୍ରତୀକ।

# ୟୁନାଇଟେଡ୍ ପେଟ୍ରୋ ସିପିଂ ଏବଂ ସାଧବ ସିପିଂ ମଧ୍ୟରେ ଏମ୍‌ଓୟୁ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ୟୁନାଇଟେଡ୍ ପେଟ୍ରୋ ଗ୍ରୁପ୍, ସିଙ୍ଗାପୁର ଏବଂ ମୁମ୍ବାଇର ସାଧବ ସିପିଂ ଲିମିଟେଡ୍ ଓଡ଼ିଶାରେ ଜାହାଜ ନିର୍ମାଣ ଏବଂ ବ୍ୟାପକ ଉପକୂଳ ସୁବିଧା ପ୍ରତିଷ୍ଠା ପାଇଁ ଏକ ବଡ଼ ଭାଗିଦାରୀ ଘୋଷଣା କରିଛନ୍ତି। ଜାନୁଆରୀ ୨୮ରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫' ଅବସରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ଉଭୟ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ୍। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଜିନ୍ଦଲ ଷ୍ଟିଲ, ଆଦାନୀ ପୋର୍ଟସ, ବେଦାନ୍ତ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସମେତ ଅନେକ ପ୍ରମୁଖ ବ୍ୟବସାୟିକ ସଂସ୍ଥା ଏବଂ ଓଡ଼ିଶା ସରକାରଙ୍କ ଅନେକ ଶୀର୍ଷ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ୧୪୪ବର୍ଷ ପରେ ମହାକୁମ୍ଭ ହୁଏ ବୋଲି ଶାସ୍ତ୍ରରେ ଲେଖାନାହିଁ: ଶିବପାଲ

**ଲକ୍ଷ୍ନୌ,୧୮।୨(ଏଜେନ୍ସି):** ଉତ୍ତରପ୍ରଦେଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନରେ ସମାଜବାଦୀ ପାର୍ଟି(ସପା), ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛି । ମହାକୁମ୍ଭରେ ଦଳାଚକଟା, ପେପର ଲିକ୍ ଇତ୍ୟାଦି ପ୍ରସଙ୍ଗରେ ଦଳର ନେତାମାନେ ଯୋଗୀ ସରକାରଙ୍କ ଉପରେ ବର୍ଷିଥିଲେ । ଏହି ସମୟରେ, ମହାକୁମ୍ଭକୁ ନେଇ ବରିଷ୍ଠ ସପା ନେତା ଏବଂ ବିଧାୟକ ଶିବପାଲ ସିଂହ ଯାଦବ ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ ବୋଲି ଜଣାପଡ଼ିଛି ।ସେ କହିଥିଲେ ଯେ, ଶାସ୍ତ୍ରରେ କୌଣସି ସ୍ଥାନରେ ୧୪୪ ବର୍ଷ ପରେ ମହାକୁମ୍ଭ ଆସିବାର ଉଲ୍ଲେଖ ନାହିଁ, ଯଦି ଅଛି, ତେବେ ଏମାନେ ପ୍ରମାଣ କରନ୍ତୁ । ଜନ ସମ୍ପର୍କ ପାଇଁ ସରକାରୀ ଟଙ୍କା ଅପବ୍ୟବହାର କରାଯାଇଛି । ଏପରି ସରକାର ଇସ୍ତଫା ଦେବା ଉଚିତୟ ସବୁଠି ଅରାଜକତା ରହିଛି । ସରକାର ନିଜକୁ ସନାତନୀ ବୋଲି କହି ଲୋକଙ୍କ ବିଶ୍ୱାସ ସହିତ ଖେଳୁଛନ୍ତି । ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ବିଶ୍ୱାସକୁ ଶୋଷଣ କରିବା । ଏମାନଙ୍କର ଆସ୍ଥା ସହିତ କୌଣସି ସମ୍ପର୍କ ନାହିଁ । ଏହା ସହିତ ଶିବପାଲ ମହାକୁମ୍ଭରେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁସଂଖ୍ୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ, ସରକାର ଏ ବିଷୟରେ ନୀରବତା ଅବଲମ୍ବନ କରୁଛନ୍ତି । ଆମେ ୟୁପି ବିଧାନସଭାରେ ଏପରି ସମସ୍ତ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବୁ ।

# ମହାକୁମ୍ଭକୁ ନେଇ ଯୋଗୀ ସରକାରଙ୍କୁ ମମତାଙ୍କ କଟାକ୍ଷ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** କୁମ୍ଭମେଳାକୁ ନେଇ ଯୋଗୀ ସରକାର ଯେତିକି ସୁନାମ ଅର୍ଜନ କରିଛନ୍ତି ତା ଠାରୁ ଅଧିକ ଦୁର୍ନାମ ମୁଣ୍ଡାଇଲେଣି । ମହାକୁମ୍ଭରେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣାକୁ ନେଇ ବିରୋଧୀ ଏବେ ଖଡ୍ଗହସ୍ତ ।କେବେ ଅଖିଳେଶ ତ କେବେ କେଜ୍ରିୱାଲ ପୁଣି କେବେ କଂଗ୍ରେସ ତ ଏବେ ମମତା ବାନାର୍ଜୀ । କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମହାକୁମ୍ଭ ନାମରେ ନରସଂହାର କରାଯାଉଥିବା ଅଭିଯୋଗ କରିଥିବା ବେଳେ ଏବେ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁର କୁମ୍ଭ କହିଛନ୍ତି । ମହାକୁମ୍ଭରେ ଅନେକ ଲୋକଙ୍କ ମୃତ୍ୟୁକୁ ନେଇ ସାଧୁସନ୍ଥମାନେ ପାଟି ଖୋଲିନଥିବା ବେଳେ ମମତାଙ୍କ ବୟାନକୁ ଘୋର ବିରୋଧ କରିଛନ୍ତି । ମଙ୍ଗଳବାର ଦିନ ଏକ କାର୍ଯ୍ୟକ୍ରମରେ ମମତା କହିଥିଲେ କି ଏବେ ମହାକୁମ୍ଭ ଆଉ ମହାକୁମ୍ଭ ହୋଇନାହିଁ ବରଂ ଏହା ମୃତ୍ୟୁର କୁମ୍ଭରେ ପରିବର୍ତ୍ତନ ହୋଇସାରିଛି । ମହାକୁମ୍ଭ ବୟାନ ଅଧାରରେ ମମତା ବାନାର୍ଜୀ କେନ୍ଦ୍ରର ବିଜେପି ଓ ରାଜ୍ୟର ଯୋଗୀ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ମମତା ବାନାର୍ଜୀ ଆହୁରି କହିଛନ୍ତି କି ଭିଆଇପି ମାନଙ୍କ ପାଇଁ କୁମ୍ଭମେଳାରେ କୌଣସି ଅସୁବିଧା ନଥିବା ବେଳେ ସାଧାରଣ ଲୋକେ କେବେ କୁମ୍ଭରେ ପହଂଚି ଭିଡରେ ମରୁଛନ୍ତି ତ କେବେ ପୁଣି କୁମ୍ଭକୁ ଯିବା ପାଇଁ ରେଳ ଷ୍ଟେସନରେ ଦଳାଚକଟା ହୋଇ ମୃତ୍ୟୁବରଣ କରୁଛନ୍ତି । ଏତେ ବଡ ଆୟୋଜନ, କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ସରକାର ଓ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଶାସନର ବିଫଳତା ଯୋଗୁଁ ଏତେ ଲୋକଙ୍କର ଜୀବନ ଗଲା । ମାତ୍ର ଏନେଇ ସରକାର ଦୁଃଖ ପ୍ରକାଶ କରିବା ପରିବର୍ତ୍ତେ ପ୍ରଚାର କରିବାରେ ଲାଗିଛନ୍ତି । ମମତା ଏପଟେ ମହାକୁମ୍ଭରେ ଘଟିଥିବା ଅଘଟଣକୁ ନେଇ ଯୋଗୀ ସରକାରଙ୍କୁ ଘେରିଥିବା ବେଳେ ମହାକୁମ୍ଭକୁ ସମ୍ମାନ ଦିଅନ୍ତି ବୋଲି କହିଛନ୍ତି । ଏହା ସହ ଗଙ୍ଗା ମାଆର ସମ୍ମାନ କରୁଥିବା କଥା ମଧ୍ୟ କହିଛନ୍ତି ।

# ଟ୍ରମ୍ପ ଭାରତକୁ ଜୋରଜବରଦସ୍ତ ବିକ୍ରି କରିବାକୁ ଚାହୁଁଛନ୍ତି ଅଦରକାରୀ ଏଫ୍-୩୫ ଜେଟ୍: ମସ୍କ

**ୱାଶିଂଟନ,୧୮।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ପଞ୍ଚମ ପିଢ଼ିର ଷ୍ଟିଲଥ୍ ଯୁଦ୍ଧ ବିମାନ ଏଫ୍-୩୫ ବିକ୍ରୟ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ସମୟରେ ଟ୍ରମ୍ପ ଭାରତକୁ ଏହି ଯୁଦ୍ଧ ବିମାନ ବିକ୍ରୟ ଘୋଷଣା କରିଥିଲେ । ଏହି ଏଫ୍-୩୫ ଜେଟ୍ ସମ୍ପର୍କରେ ଟ୍ରମ୍ପଙ୍କ ପ୍ରସ୍ତାବ କିମ୍ବା ଚାପ ଉପରେ ଭାରତ ଏବେ ବି ଆଲୋଚନା କରୁଛି । ଏହା ମଧ୍ୟ କୁହାଯାଉଛି ଯେ, ରାଫେଲ ପରି ଭାରତ ମଧ୍ୟ ଏହି ଲଢୁଆ ବିମାନକୁ ଆମେରିକାରୁ ସୀମିତ ପରିମାଣରେ କିଣିବ । ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭାରତ ଉପରେ ଅଧିକରୁ ଅଧିକ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ଗୋଟିଏ ପଟେ, ଟ୍ରମ୍ପ ଏହି ଯୁଦ୍ଧ ବିମାନକୁ ଭାରତକୁ ଜୋରଜବରଦସ୍ତ ବିକ୍ରୟ କରିବାକୁ ଚାହୁଁଥିବା ବେଳେ, ଅନ୍ୟପଟେ ଆମେରିକାରେ ହିଁ ଏହା ବିରୁଦ୍ଧରେ ତଦନ୍ତ ଆରମ୍ଭ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ବିରୁଦ୍ଧରେ ଟ୍ରମ୍ପଙ୍କ ଅତ୍ୟନ୍ତ ନିକଟତର କୋଟିପତି ଏଲନ ମସ୍କଙ୍କ ବିଭାଗ ଡିଓଜିଇ ଦ୍ୱାରା ଏହି ତଦନ୍ତ ଆରମ୍ଭ କରାଯାଇଛି ଏବଂ ୨ ଟ୍ରିଲିୟନ ଡଲାରର ଏଫ୍-୩୫ କାର୍ଯ୍ୟକ୍ରମ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଚାଲିଛି । କ୍ଷମତାକୁ ଆସିବା ପୂର୍ବରୁ, ଏଲନ ମସ୍କ ଖୋଲାଖୋଲି ଭାବରେ ଏଫ୍-୩୫ ଲଢୁଆ ବିମାନକୁ ଫ୍ଲପ୍' ଏବଂ ଏହାର ନିର୍ମାତାମାନଙ୍କୁ 'ମୂର୍ଖ' ବୋଲି କହିଛନ୍ତି । ପୂର୍ବରୁ, ଜଣେ ଉଚ୍ଚ ଆମେରିକୀୟ ବାୟୁସେନା ଅଧିକାରୀ ମସ୍କଙ୍କ ବିରୋଧରେ ଖୋଲାଖୋଲି ପ୍ରତିକ୍ରିୟା ଦେଇଥିଲେ ଏବଂ କହିଥିଲେ ଯେ, ଟେସଲା ମାଲିକ ଏକ ପ୍ରକୃତ ଯୁଦ୍ଧ ପାଇଁ ଯୁଦ୍ଧ ବିମାନ ତୁଳନାରେ ଡ୍ରୋନର ଶକ୍ତିକୁ ଅଧିକ ଆକଳନ କରି ଭୁଲ କରୁଛନ୍ତି । ଆମେରିକୀୟ ବାୟୁସେନା ଯାହା କହୁଛି, ବିଶ୍ଳେଷକମାନେ କୁହନ୍ତି ଯେ, ମସ୍କଙ୍କ ସମାଲୋଚନାରେ ସତ୍ୟତା ଅଛି ।

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ପାକିସ୍ତାନରେ ପୁଣି ଏକ ଆତଙ୍କବାଦୀ ଆକ୍ରମଣ ହୋଇଛିୟ ଅଶାନ୍ତ ଉତ୍ତର-ପଶ୍ଚିମ ଅଞ୍ଚଳରେ ପାକିସ୍ତାନ ସେନାର ରିଲିଫ୍ ସାମଗ୍ରୀ ବୋଝେଇ ଟ୍ରକ୍ ଉପରେ ପୂର୍ବରୁ ହୋଇଥିବା ଆକ୍ରମଣର ଜବାବ ଦେଉଥିବା ବେଳେ ଆତଙ୍କବାଦୀ ମାନେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିଛନ୍ତି । ଏହି ସମୟରେ ହୋଇଥିବା ଗୁଳିବିନିମୟରେ ଚାରି ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଛି । ମଙ୍ଗଳବାର ଦିନ ଅଧିକାରୀ ମାନେ ଏହି ସୂଚନା ଦେଇଛନ୍ତି । ସୋମବାର ଦିନ ଅଶାନ୍ତ ଖୈବର ପଖତୁନଖ୍ୱା ପ୍ରଦେଶର କୁରମ ଜିଲ୍ଲାରେ ରିଲିଫ୍ ସାମଗ୍ରୀ ବୋଝେଇ ଟ୍ରକ୍ ଉପରେ ହୋଇଥିବା ଆକ୍ରମଣର ଜବାବରେ କର୍ତ୍ତୃପକ୍ଷ ମାନେ ସୁରକ୍ଷାବାହିନୀ ପଠାଇବାର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି । ଟ୍ରକ ଗୁଡ଼ିକ ଉପରେ ହୋଇଥିବା ଆକ୍ରମଣରେ ଜଣେ ଡ୍ରାଇଭର ଏବଂ ଜଣେ ସୁରକ୍ଷା ଅଧିକାରୀ ପ୍ରାଣ ହରାଇଛନ୍ତି । ଅଧିକାରୀମାନେ କହିଛନ୍ତି ଯେ କୁରମରେ ରାତିସାରା ହୋଇଥିବା ଆକ୍ରମଣରେ କିଛି ସୁରକ୍ଷା କର୍ମୀ ମଧ୍ୟ ଆହତ ହୋଇଛନ୍ତି । ଗତ କିଛି ମାସ ମଧ୍ୟରେ ଏଠାରେ ସିଆ ଏବଂ ସୁନ୍ନି ଜନଜାତି ମଧ୍ୟରେ ସଂଘର୍ଷରେ ଅତି କମରେ ୧୩୦ ଜଣଙ୍କର ମୃତ୍ୟୁହୋଇଛି । ଅଧିକାରୀ ମାନେ କହିଛନ୍ତି ଯେ କୁରମ୍ର ମୁଖ୍ୟ ସହର ପାରାଚିନାରକୁ ଯାଉଥିବା ଅନେକ ଟ୍ରକକୁ ଲୁଟ୍ କରାଯାଇ ପୋଡ଼ି ଦିଆଯାଇଥିଲା । ପାରାଚିନାରର ଏକ ହସ୍ପିଟାଲର ଡାକ୍ତର କୈସର ଆବାସ କହିଛନ୍ତି ଯେ, ସେମାନେ ସୋମବାର ରାତିରେ କୁରମରୁ ୪ ଜଣ ସୈନିକଙ୍କ ମୃତଦେହ ପାଇଥିଲେ । ସେହି ସମୟରେ, ଅଧିକାରୀ ମାନେ କହିଛନ୍ତି ଯେ, ଆକ୍ରମଣର ଦୋଷୀ ମାନଙ୍କୁ ଧରିବା ପାଇଁ ଏକ ବଡ଼ ଅଭିଯାନ ଯୋଜନା କରାଯାଉଛି ।

# ପୁଣି ଖଣ୍ଡ ଖଣ୍ଡ ହେବ ପାକିସ୍ତାନ: ମୌଲାନା ଫଜଲୁର

**ଇସଲାମାବାଦ,୧୮।୨(ଏଜେନ୍ସି):** ଇସଲାମିକ ଧର୍ମଗୁରୁ ତଥା ପାକିସ୍ତାନୀ ସାଂସଦ ମୌଲାନା ଫଜଲୁର ରେହମାନ ପାକିସ୍ତାନକୁ ୧୯୭୧ ମସିହାର ବିଭାଜନ କଥା ମନେ ପକାଇ ଦେଇଛନ୍ତି, ଯେତେବେଳେ ପୂର୍ବ ପାକିସ୍ତାନ ଭାଙ୍ଗି ବାଂଲାଦେଶ ହୋଇଯାଇଥିଲା । ସେ କହିଛନ୍ତି ଯେ ବେଲୁଚିସ୍ତାନ ପାକିସ୍ତାନରୁ ଅଲଗା ହୋଇପାରେ । ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି ଯେ ବେଲୁଚିସ୍ତାନର ୫ରୁ ୭ଟି ଜିଲ୍ଲା ସ୍ୱାଧୀନତା ଘୋଷଣା କରିପାରନ୍ତି । ଭାରତ-ପାକିସ୍ତାନ ଯୁଦ୍ଧକୁ ଉଲ୍ଲେଖ କରି ସେ ଚେତାବନୀ ଦେଇଛନ୍ତି ଯେ ପୁଣି ଥରେ ସମାନ ପରିସ୍ଥିତି ଉପୁଜିପାରେ । ସେ ପାକିସ୍ତାନର ନ୍ୟାସନାଲ ଆସେମ୍ବଲି (ଏନଏ)ରେ ପ୍ରକାଶ କରିଛନ୍ତି ଯେ ଯଦି ବେଲୁଚିସ୍ତାନର ଜିଲ୍ଲାଗୁଡ଼ିକ ସ୍ୱାଧୀନତା ଘୋଷଣା କରନ୍ତି, ତେବେ ଜାତିସଂଘ ସେମାନଙ୍କ ସ୍ୱାଧୀନତାକୁ ସ୍ୱୀକୃତି ଦେଇପାରିବ । ଏହାବ୍ୟତୀତ ସେନାକୁ ଟାର୍ଗେଟ କରି ସେ କହିଛନ୍ତି ଯେ କିଛି ଶକ୍ତିଶାଳୀ ବ୍ୟକ୍ତି ବନ୍ଦ କୋଠରୀରେ ନିଷ୍ପତ୍ତି ନିଅନ୍ତି, ଯାହାକୁ ସରକାର ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି । ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ କୁରମରେ ପୁଣି ଥରେ ହିଂସାକାଣ୍ଡ ଘଟିଥିବା ବେଳେ ସେ ଏଭଳି ବୟାନ ଦେଇଛନ୍ତି। ଏହି ଅଞ୍ଚଳ ଦଶନ୍ଧି ଧରି ପାକିସ୍ତାନରେ ସିଆ-ସୁନ୍ନି ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ନୂଆ ଲଢ଼େଇରେ ଏପର୍ଯ୍ୟନ୍ତ ୧୫୦ ଜଣଙ୍କ ମୃତ୍ୟୁ ଘଟିଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାକିସ୍ତାନର ଏକ ପାହାଡ଼ିଆ ଅଞ୍ଚଳ । ଅତ୍ୟଧିକ ସଶସ୍ତ୍ର ଯୋଦ୍ଧାଙ୍କ ସହ ସଂଘର୍ଷ ଏହାକୁ ଦୁନିଆରୁ ପ୍ରାୟ ବିଚ୍ଛିନ୍ନ କରିଦେଇଛି । ବାରମ୍ବାର ଅସ୍ତ୍ରବିରତି ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ହିଂସା କମିନାହିଁ ।

# ଲେବାନନ ଉପରୁ ନିଜ ନିୟନ୍ତ୍ରଣ ଛାଡିବାକୁ ପ୍ରସ୍ତୁତ ନୁହେଁ ଇସ୍ରାଏଲ

**ଜେରୁଜେଲମ,୧୮।୨(ଏଜେନ୍ସି):** ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ସହିତ ଯୁଦ୍ଧବିରତିର ସମୟସୀମା ଶେଷ ହେବା ପରେ ମଧ୍ୟ ଇସ୍ରାଏଲ ଲେବାନନରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିବାକୁ ମନା କରିଦେଇଛି । ମଙ୍ଗଳବାର ଦିନ ଅସ୍ତ୍ରବିରତି ଅବଧି ଶେଷ ହେଉଛି । ଇସ୍ରାଏଲୀ ସେନା କହିଛି ଯେ, ନିଜର ସୈନ୍ୟ ଦକ୍ଷିଣ ଲେବାନନର ପାଞ୍ଚଟି ରଣନୈତିକ ସ୍ଥାନରେ ରହିବେ । ଲେବାନନ୍ ସରକାର ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଗାଜାରେ ଯୁଦ୍ଧବିରତି ନେଇ ଅନିଶ୍ଚିତତା ରହିଛି । କାରଣ ଇସ୍ରାଏଲ ଏବଂ ଆମେରିକା ଯୁଦ୍ଧବିରତି ଜାରି ରଖିବା କିମ୍ବା ଏହାକୁ ସମାପ୍ତ କରିବା ବିଷୟରେ ପରସ୍ପର ବିରୋଧୀ କଥା କହୁଛନ୍ତି । ଇତିମଧ୍ୟରେ ହମାସ ସହିତ ଇସ୍ରାଏଲର ଯୁଦ୍ଧର ୫୦୦ ଦିନ ପୂରଣ ହୋଇଛି । ଚୁକ୍ତିନାମା ଅନୁଯାୟୀ, ଇସ୍ରାଏଲୀ ସେନା ଦକ୍ଷିଣ ଲେବାନନର ଏକ ବଫର ଜୋନରୁ ସେନିକ ପ୍ରତ୍ୟାହାର କରିବାର ଥିଲା, ଯାହା ଲେବାନନ ସେନା ଏବଂ ଜାତିସଂଘ ଶାନ୍ତିସେନାଙ୍କ ଦ୍ୱାରା ତଦାରଖ କରାଯିବାର ଥିଲା । ଇସ୍ରାଏଲ ସାମରିକ ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ନାଦଭ ଶୋଶାନି କହିଛନ୍ତି ଯେ, ଇସ୍ରାଏଲ ସଠିକ ଏବଂ ସୁବ୍ୟବସ୍ଥିତ ଭାବରେ ଏବଂ ଆମର ନାଗରିକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସେନା ପ୍ରତ୍ୟାହାର ପାଇଁ ପ୍ରତିବଦ୍ଧ । ଲେବାନନ ରାଷ୍ଟ୍ରପତି ଜୋସେଫ ଆଉନ୍ କହିଛନ୍ତି ଯେ, ଯୁଦ୍ଧବିରତିକୁ ସମ୍ମାନ କରାଯିବା ଉଚିତ୍ ଏବଂ ଇସ୍ରାଏଲ ଭଳି ଶତ୍ରୁକୁ ବିଶ୍ୱାସ କରାଯାଇପାରିବ ନାହିଁ । ହେଜବୁଲ୍ଲା ନେତା ନଇମ କାସେମ ରବିବାର କହିଥିଲେ, ମଙ୍ଗଳବାର ପରେ କୌଣସି ବିଳମ୍ବ ପାଇଁ କିଛି ବାହାନାକୁ ପ୍ରଶୟ ଦିଆଯିବ ନାହିଁ। ସୂଚନାଯୋଗ୍ୟ, ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ଏବଂ ଏହି ଆକ୍ରମଣର ପରଦିନ ହିଁ ହେଜବୁଲ୍ଲା ଇସ୍ରାଏଲ ଉପରେ ରକେଟ, ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିବା ଆରମ୍ଭ କରିଦେଇଥିଲା । ସେପ୍ଟେମ୍ବରରେ ଇସ୍ରାଏଲ-ହେଜବୁଲ୍ଲା ସଂଘର୍ଷ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିଣତ ହୋଇଥିଲା ।



ଚାମ୍ପିଅନସ ଟ୍ରଫି

# ଆଜିଠୁ ଚାମ୍ପିଅନ୍ସ ଟ୍ରଫି

## ପାକିସ୍ତାନ-ନ୍ୟୁଜିଲାଣ୍ଡ ପ୍ରଥମ ମୁକାବିଲା

ନୂଆଦିଲ୍ଲୀ,୧୮।୨: ଆସନ୍ତାକାଲିଠାରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫେବୃଆରୀ ୧୯ରେ କରାଚୀର ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ଗତ ୩ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି ଓଡ଼ିଶା।

ପ୍ରାୟ ଆଠ ବର୍ଷର ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ୨୦୧୭ ବର୍ଷ ପରେ, ଦ୍ୱାରା ପୁଣି ଥରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରାଯାଉଛି। ଏହି ଆଠ ବର୍ଷ ମଧ୍ୟରେ କ୍ରିକେଟ ଖେଳିବାର ଶୈଳୀ ବହୁତ ବଦଳି ଯାଇଛି। ଏବେ ପ୍ରାୟ ପ୍ରତ୍ୟେକ ଦଳ ପାଖରେ ବିସ୍ଫୋରକ ବ୍ୟାଟସମ୍ୟାନ ଅଛନ୍ତି, ଯେଉଁମାନେ ମାତ୍ର କିଛି ବଲ ମଧ୍ୟରେ ମ୍ୟାଚ୍‌ରେ ମୋଡ଼ ବଦଳାଇବାର କ୍ଷମତା ରଖନ୍ତି। ଏହି କାରଣରୁ ଏଥର ଚାମ୍ପିଅନ୍ସ ଟ୍ରଫିରେ ନୂତନ ରେକର୍ଡ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଜିକାଲି ଦିନିକିଆ କ୍ରିକେଟରେ ୨୫୦ ରୁ ଅଧିକ ସ୍କୋର ସାଧାରଣ ହୋଇଗଲାଣି। କେବଳ ଏତିକି ନୁହେଁ, ପ୍ରଥମେ ଖେଳୁଥିବା ଦଳଗୁଡ଼ିକ ବହୁତ ସ୍କୋର କରନ୍ତି ଏବଂ ଏହାକୁ ସହଜରେ ପିଛା କରାଯାଏ। ଅର୍ଥାତ୍ ମ୍ୟାଚ୍‌ରେ ଉଭୟ ଇନିଂସରେ ୩୫୦ ରନ ହୋଇଛି, କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆଜି ପର୍ଯ୍ୟନ୍ତ ଚାମ୍ପିଅନ୍ସ ଟ୍ରଫିରେ କେବେବି ୨୫୦ ରନ ହୋଇନାହିଁ। ଚାମ୍ପିଅନ୍ସ ଟ୍ରଫିରେ ଅନେକ ଥର ୩୦୦ରୁ ଅଧିକ ସ୍କୋର ହୋଇଛି, କିନ୍ତୁ କୌଣସି ଦଳ କେବେ ୨୫୦ ଅତିକ୍ରମ କରିପାରି ନାହିଁ। ଏହି ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋରର ରେକର୍ଡ ନ୍ୟୁଜିଲାଣ୍ଡର ରହିଛି। ୨୦୦୪ ମସିହାରେ, ନ୍ୟୁଜିଲାଣ୍ଡ ଆମେରିକା ବିପକ୍ଷରେ ଚାରି ଉଇକେଟ ହରାଇ ୩୪୭ ରନ କରିଥିଲା, କିନ୍ତୁ ସେତେବେଳେ ମଧ୍ୟ ଦଳ ୩୫୦ ରନ ଠାରୁ ତିନି ରନ ପଛରେ ଥିଲା। ଭାରତ ବିଷୟରେ କହିବାକୁ ଗଲେ, ୨୦୧୩ ଚାମ୍ପିଅନ୍ସ ଟ୍ରଫିରେ, ଟିମ ଇଣ୍ଡିଆ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭ ଉଇକେଟ ହରାଇ ୩୩୧ ରନ କରିଥିଲା। ଏହି ଟୁର୍ନାମେଣ୍ଟରେ ଏହା ଭାରତର ସର୍ବୋଚ୍ଚ ସ୍କୋର ସେହି ବର୍ଷ, ଭାରତ ମଧ୍ୟ ଏମଏସ ଧୋନୀଙ୍କ ଅଧିନାୟକତ୍ୱର ଟାଇଟଲ ଜିତିଥିଲା ଟିମ ଇଣ୍ଡିଆ ଏହି ସ୍କୋରକୁ ଆହୁରି ବୃଦ୍ଧି କରି ୩୫୦ ସ୍କୋର ହାସଲ କରିପାରିବ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।

# ଭାରତୀୟ ଖେଳାଳିଙ୍କ ଜର୍ସିରେ ପାକିସ୍ତାନ ନାଁ

ଦୁବାଇ,୧୮।୨: ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଏକ ମ୍ୟାଚ ସହିତ ତାର ଅଭିଯାନ ଆରମ୍ଭ କରିବ। ସମସ୍ତ ଦଳ ବର୍ତ୍ତମାନ ଟୁର୍ନାମେଣ୍ଟ ପାଇଁ ଜୋରଦାର ପ୍ରସ୍ତୁତି କରୁଛନ୍ତି। ଦୁବାଇରେ ହେବାକୁ ଥିବା ଆଗାମୀ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳ ମଧ୍ୟ କଠିନ ପରିଶ୍ରମ କରୁଛି।



ଟୁର୍ନାମେଣ୍ଟ ଆରମ୍ଭ ହେବାର ମାତ୍ର ଗୋଟିଏ ଦିନ ପୂର୍ବରୁ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପ୍ରଶଂସକଙ୍କ ସହ ଟିମ ଇଣ୍ଡିଆର ଜର୍ସିର ପ୍ରଥମ ଲୁକ ଶେୟାର କରିଛି। ଏହି ଜର୍ସିରେ ଏକ ବିଶେଷ ଜିନିଷ ଦେଖିବାକୁ ମିଳିଛି ଯାହା ପୂର୍ବରୁ ଆଲୋଚନାର ବିଷୟ ଥିଲା ଟିମ ଇଣ୍ଡିଆର ଜର୍ସିରେ ପାକିସ୍ତାନର ନାମ ଲେଖାଯାଇଛି। ଏହା ବିଷୟରେ ଏବେ ବହୁତ ଆଲୋଚନା ହେଉଛି।

ବିସିସିଆଇ ସୋସିଆଲ ମିଡିଆରେ ଟିମ ଇଣ୍ଡିଆର ଖେଳାଳିଙ୍କ ଫଟୋ ଶେୟାର କରିଛି। ଏଥିରେ ସମସ୍ତ ଖେଳାଳି ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ ଇଣ୍ଡିଆର ନୂତନ ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିଛି ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଏବଂ ଶ୍ରେୟସ ଆୟରଙ୍କ ସମେତ ସମସ୍ତ ୧୫ ଜଣ ଖେଳାଳି। ଏହି ନୂତନ ଜର୍ସିରେ ଫଟୋଶୁଟ କରିଛନ୍ତି ଏହାର ଫଟୋଗୁଡ଼ିକ ବିସିସିଆଇର ସୋସିଆଲ ମିଡିଆ। ହ୍ୟାଣ୍ଡେଲରେ ଶେୟାର କରାଯାଇଛି। ଟିମ ଇଣ୍ଡିଆର ଏହି ନୂତନ ଜର୍ସିରେ ଆୟୋଜକ ପାକିସ୍ତାନର ନାମ ଲେଖାଯାଇଛି

ଯଦିଓ ଏହି ଟୁର୍ନାମେଣ୍ଟ ହାଇବ୍ରିଡ ମଡେଲରେ ଖେଳାଯାଉଛି, ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ ପାଖରେ ଅଛି ଏହି କାରଣରୁ, ଏହି ଟୁର୍ନାମେଣ୍ଟ ପାଇଁ ଯେଉଁ ଦଳ ଜର୍ସି ଲଞ୍ଚ କରିବ, ସେଥିରେ ପାକିସ୍ତାନର ନାମ ନିଶ୍ଚିତ ଭାବରେ ଲେଖାଯିବ ନିୟମ ଅନୁଯାୟୀ, ପ୍ରତ୍ୟେକ ଦଳର ଜର୍ସିରେ ଆୟୋଜକ ଦେଶର ନାମ ରହିବା ବାଧ୍ୟତାମୂଳକ ଏହା ପୂର୍ବରୁ ଏହା କୁହାଯାଉଥିଲା ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳର ଜର୍ସିରେ ପାକିସ୍ତାନର ନାମ ଲେଖାଯିବ ନାହିଁ। ଏହାକୁ ନେଇ ପାକିସ୍ତାନରେ ବହୁତ ତୀବ୍ର ପ୍ରତିକ୍ରିୟା ଦେଖାଯାଇଥିଲା।

# ବୁମ୍‌ରାଙ୍କ ଅନୁପସ୍ଥିତିରେ ଶାମି ହିଁ ଭରସା



ବେଙ୍ଗାଲୁରୁ, ୧୮।୨: ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ମହମ୍ମଦ ଶାମିଙ୍କ ରିଷ୍ଟ ମ୍ୟାଜିକ୍ ବୋଲିଂ ଉପରେ ଭରସା ରଖିଛି ଶାମି ଯଦି ତାଙ୍କ ବୋଲିଂରେ ଚମତ୍କାରିତା ଦେଖାନ୍ତି ତେବେ ଭାରତ ୧୨ବର୍ଷ ପରେ ପୁଣି ଥରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାସଲ କରିପାରିବ ବୋଲି ଆଶା କରାଯାଉଛି।

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଅସ୍ତ୍ର ବୋଲି କୁହାଯାଉଥିବା ଯଶପ୍ରୀତ ବୁମ୍‌ରା ଆଘାତପ୍ରାପ୍ତ ହୋଇଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି ତେଣୁ ସମର୍ଥକମାନେ ଶାମିଙ୍କଠାରୁ କିଛିଟା ଚମତ୍କାରିତା ଆଶା କରୁଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

ତେବେ ଶାମି ନିଜକୁ କିଭଳି ଭାବେ ପ୍ରସ୍ତୁତ କରିଛନ୍ତି। ତାହା ଉପରେ ସମସ୍ତଙ୍କ ନଜର ୩୪ ବର୍ଷୀୟ ପେସ୍ ବୋଲର ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗତବର୍ଷ ବିଭିନ୍ନସ୍ତରରେ ବିଭିନ୍ନ ଫର୍ମାଟ୍‌ରେ କେତୋଟି ମ୍ୟାଚ ଖେଳିଛନ୍ତି। ଏକ ଚାପପ୍ରବଣ ଟୁର୍ନାମେଣ୍ଟରେ ତାଙ୍କର ପ୍ରଦର୍ଶନ କିପରି ରହୁଛି। ତାହା ଲକ୍ଷ୍ୟ କରିବାର କଥା।

ଚାମ୍ପିୟନ୍ସ ଟ୍ରଫିରେ ଶାମିଙ୍କ ପାର୍ଟନର ରହିବେ ଅର୍ଶଦୀପ ସିଂ ଯଦିଓ ସେ ଜଣେ ବିଚକ୍ଷଣ ବୋଲର ଏପର୍ଯ୍ୟନ୍ତ ବୁମ୍‌ରାଙ୍କସ୍ତରର ହୋଇ ପାରି ନାହାନ୍ତି ଭାରତର ପୂର୍ବତନ ପେସ୍ ବୋଲର ଲକ୍ଷ୍ମୀପତି ରାଜୁ କହିଛନ୍ତି, ବୁମ୍‌ରା ନିଶ୍ଚିତ ଭାବେ ସମସ୍ତ ଫର୍ମାଟରେ ଜଣେ ଚାମ୍ପିୟନ ବୋଲର କିନ୍ତୁ ଶାମି ବେଶ୍ ଅଭିଜ୍ଞ ବୁମ୍‌ରାଙ୍କ ଆଗମନ ପୂର୍ବରୁ ଶାମି ଭାରତୀୟ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିଲେ।

## ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନ୍ୟୁଜିଲାଣ୍ଡକୁ ବଡ଼ ଝଟକା

ନୂଆଦିଲ୍ଲୀ,୧୮।୨: ନିକଟରେ ନ୍ୟୁଜିଲାଣ୍ଡ ପାକିସ୍ତାନକୁ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ଏବେ ମିଚେଲ ସାଣ୍ଟନରଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ଏବେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଉପରେ ନଜର ରଖିଛି। କିନ୍ତୁ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରକୃତରେ, ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଲକି ଫର୍ଗୁସନ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ଚାମ୍ପିଅନ୍ସ ଟ୍ରଫିରୁ ଲକି ଫର୍ଗୁସନଙ୍କ ବାଦ୍ ପଡ଼ିବା ଦଳ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି। ହେଲେ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଲକି ଫର୍ଗୁସନଙ୍କ ରିପ୍ଲେସମେଣ୍ଟ ଘୋଷଣା କରିଛି। ଫର୍ଗୁସନଙ୍କ ସ୍ଥାନରେ କାଇଲି ଜାମିସନଙ୍କୁ କି ଦଳରେ ସାମିଲ କରାଯାଇଛି। ଫର୍ଗୁସନ ତାଙ୍କର ଦ୍ରୁତ ଗତି ଏବଂ ଉଇକେଟ୍ ନେବା କ୍ଷମତା ପାଇଁ ଜଣାଶୁଣା କିନ୍ତୁ। ଏବେ ନ୍ୟୁଜିଲ୍ୟାଣ୍ଡ ଚାମ୍ପିଅନ୍ସ ଟ୍ରଫିରେ ଫର୍ଗୁସନଙ୍କୁ କମି ଅନୁଭବ କରିପାରେ ତେବେ ଫର୍ଗୁସନଙ୍କ ରିପ୍ଲେସମେଣ୍ଟ କାଇଲି ଜାମିସନ କିପରି ପ୍ରଦର୍ଶନ କରନ୍ତି ତାହା ଦେଖିବା ଆକର୍ଷଣୀୟ ହେବ। ଆପଣଙ୍କୁ କହି ରଖୁଛୁ ଯେ, ୬୫ଟି ଦିନିକିଆ ଏବ୍ୟତୀତତ ଫର୍ଗୁସନ ୪୩ଟି ଟି-୨୦ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡର ପ୍ରତିନିଧି କରିଛନ୍ତି। ଏହା ବ୍ୟତୀତ ଫର୍ଗୁସନ କି ଦଳ ପାଇଁ ଗୋଟିଏ ଟେଷ୍ଟ ଖେଳିଛନ୍ତି ଫର୍ଗୁସନ ଦିନିକିଆ। ଫର୍ମାଟରେ ୩୧.୫୬ ହାରାହାରି, ଷ୍ଟ୍ରାଇକ ରେଟ ୩୩.୩୩ ଏବଂ ୫.୬୮ ଇକୋନୋମିରେ ୯୯ଟି ଉଇକେଟ୍ ନେଇଛନ୍ତି।



# ବଲିଉଡରେ ଏଣ୍ଟ୍ରି କରିବେ ସାନିଆ ମିର୍ଜାଙ୍କ ପୁଅ !

ମୁମ୍ବାଇ,୧୮।୨: ଫରାହ ଖାନ ରେ କୁକିଂ ବ୍ଲଗ ତିଆରି କରନ୍ତି। ନିକଟରେ ଟେନିସ ତାରକା ସାନିଆ ମିର୍ଜାଙ୍କୁ ତାଙ୍କ ଭିଡିଓରେ ଦେଖିବାକୁ ମିଳିଥିଲା। ସାନିଆଙ୍କୁ ତାଙ୍କ ପୁଅ ଇଜାନଙ୍କ ସହିତ ଦେଖିବାକୁ ମିଳିଥିଲା। ଏହି ବ୍ଲଗରେ ସାନିଆ ଏକ କାହାଣୀ ବର୍ଣ୍ଣନା କରିଥିଲେ। ଯେଉଁଥିରେ ଫରାହ ତାଙ୍କ ପୁଅକୁ ସାଇନ କରିବା କିଛି ଆମାଉଣ୍ଟ ଦେଇଥିଲେ।



ବ୍ଲଗରେ, ସାନିଆ ତାଙ୍କ ପୁଅ ଇଜାନଙ୍କ ସହ ବସିଥିବାର ଦେଖାଯାଉଛି। ସେ ଫରାହଙ୍କ ବିଷୟରେ ଏକ ମଜାଦାର କାହାଣୀ କହିଲେ। ସାନିଆ କହିଥିଲେ ଯେ ଯେତେବେଳେ ମୋ ପୁଅ ଇଜାନ ଜନ୍ମ ହୋଇଥିଲା, ଫରାହ ତାଙ୍କୁ ଭେଟିବାକୁ ଆସୁଥିଲେ। ସେତେବେଳେ ଫରାହ ଇଜାନଙ୍କୁ ୧୦ ଟଙ୍କା ଦେଇଥିଲେ ଏବଂ ମଜାରେ କହିଥିଲେ ଯେ ସେ ଇଜାନଙ୍କୁ ଫିଲ୍ମରେ ଲଞ୍ଚ କରିବେ। ତାପରେ ଫରାହ କହିଥିଲେ- କେବଳ ୧୦୦ କହିଦିଅ। ସାନିଆ କହିଥିଲେ ଯେ ତୁମେତ କେବଳ ୧୦ ଟଙ୍କା ଦେଇଥିଲ। ମୁଁ ମିଛ କହୁନାହିଁ। ଏକ ସାକ୍ଷାତକାରରେ, ଫରାହ କହିଥିଲେ ଯେ ସେମାନେ କିପରି ବନ୍ଧୁ ହେଲେ। ସେ କହିଥିଲେ ଯେ ସେ ସାନିଆଙ୍କୁ ତାଙ୍କ ଶୋକୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ତାଙ୍କୁ ଉପଯୁକ୍ତ ତାରିଖ ମିଳିପାରିଲା ନାହିଁ। ବରଂ, ସେମାନେ କଫି ପାଇଁ ଫରାହଙ୍କ ଘରେ ଭେଟିଲେ। ଏହିଠାରୁ ଦୁହିଁଙ୍କ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି ହୋଇଥିଲା ଏବଂ ସେମାନେ ଭଲ ବନ୍ଧୁ ହୋଇଗଲେ। ଫରାହ କହିଛନ୍ତି ଯେ ଫିଲ୍ମ ଇଣ୍ଡଷ୍ଟ୍ରି ବାହାରେ କାହା ସହିତ ଯୋଡ଼ି ହେବା ବହୁତ ରିଫ୍ରେସିଂ ଥିଲା ଏବଂ ସେଥିପାଇଁ ସେମାନଙ୍କ ମଧ୍ୟରେ ଏକ ଭଲ ସମ୍ପର୍କ ଥିଲା। କାର୍ଯ୍ୟ କ୍ଷେତ୍ରରେ, ଫରାହ ୨୦୦୪ ମସିହାରେ ମୈଁ ହୁଁ ନା ସହିତ ତାଙ୍କର ନିର୍ଦ୍ଦେଶନା ଜୀବନ ଆରମ୍ଭ କରିଥିଲେ। ସେ ଓମ ଶାନ୍ତି ଓମ, ତିସ ମାର ଖାନ ଏବଂ ହାପି ନ୍ୟୁ ଇୟର ଭଳି ଫିଲ୍ମ ନିର୍ଦ୍ଦେଶନା ଦେଇଛନ୍ତି। ଫରାହ ଖାନ ବର୍ତ୍ତମାନ ସେଲିବ୍ରିଟି ମାଷ୍ଟର ସେଫ ଶୋରେ ନଜର ଆସୁଛନ୍ତି। ସେ ଏହି ଶୋରେ ଜଣେ ବିଚାରକ ବିକାଶ ଖାନ୍ନା ଏବଂ ରଣବୀର ବ୍ରାର ମଧ୍ୟ ଶୋରେ ବିଚାରକ ଏହି ଶୋରେ ଦୀପିକା କକ୍କର, ତେଜସ୍ୱୀ ପ୍ରକାଶ, ଫୈଜଲ, ନିକି ତାମ୍ବୋଲି, ଅର୍ଚ୍ଚନା ଗୌତମ ସିଂହ, ଗୌରବ ଖାନ୍ନା ପ୍ରମୁଖ ଅଭିନୟ କରିଛନ୍ତି।

# ସେହ୍ୱାଗଙ୍କ ସର୍ବକାଳୀନ ଶ୍ରେଷ୍ଠ ୫ ବ୍ୟାଟସମ୍ୟାନ

ନୂଆଦିଲ୍ଲୀ,୧୮।୨: ପୂର୍ବତନ ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଦିନିକିଆ। ଫର୍ମାଟର ସର୍ବକାଳୀନ ଶ୍ରେଷ୍ଠ ୫ ବ୍ୟାଟସମ୍ୟାନଙ୍କୁ ଚୟନ କରିଛନ୍ତି। ଆଶା ଅନୁଯାୟୀ, ସେ ଏହି ତାଲିକାରେ ବିରାଟ କୋହଲି, ସଚିନ ତେନ୍ଦୁଲକର, ଏବି ଡିଭିଲିୟର୍ସଙ୍କ ସମେତ ଅନେକ କିମ୍ବଦନ୍ତୀଙ୍କୁ ସ୍ଥାନ ଦେଇଛନ୍ତି। କିନ୍ତୁ ଏହି ଶ୍ରେଷ୍ଠ ୫ ବ୍ୟାଟସମ୍ୟାନଙ୍କ ମଧ୍ୟରେ ସେ ଯେଉଁ ରାଙ୍କିଂ କରିଛନ୍ତି ତାହା ବହୁତ ଆକର୍ଷଣୀୟ। ତାଙ୍କ ତାଲିକାରେ, ଶ୍ରେଷ୍ଠ ୨ ଖେଳାଳି ଭାରତୀୟ ଥିବା ବେଳେ ବାକି ୩ ଖେଳାଳି ବିଦେଶୀ। ସେହ୍ୱାଗ ସର୍ବପ୍ରଥମେ ୱେଷ୍ଟଇଣ୍ଡିଜର ପୂର୍ବତନ ଓପନର କ୍ରିସ ଗେଲଙ୍କୁ ନମ୍ବର-୫ରେ ବାଛିଛନ୍ତି। ଗେଲଙ୍କ ବିଷୟରେ ସେହ୍ୱାଗ କହିଛନ୍ତି, ୨୦୦୨-୦୩ରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତରେ ଆସିଥିଲା ଏବଂ କ୍ରିସ ଗେଲ ଛଅ ମ୍ୟାଚ ବିଶିଷ୍ଟ ସିରିଜରେ ତିନୋଟି ଶତକ ହାସଲ କରିଥିଲେ। ଗେଲ ଆମ ବୋଲରମାନଙ୍କୁ ଏତେ ପିଟିଥିଲେ ଯେ ଏହାକୁ ବ୍ୟାଖ୍ୟା କରାଯାଇପାରିବ ନାହିଁ। ସେ ପ୍ରଥମ ଖେଳାଳି ଯାହାକୁ ମୁଁ ଅନ୍ତର୍ଜାତୀୟ କ୍ରିକେଟରେ ଦେଖିଥିଲି ଯିଏ ପଛ ପାଦରୁ ଛକା ମାରୁଥିଲେ।



ପୂର୍ବତନ ଡ୍ୟାସିଂ ଓପନର ମିଷ୍ଟର ୩୬୦ ଭାବରେ ପ୍ରସିଦ୍ଧ ଏବି ଡିଭିଲିୟର୍ସଙ୍କୁ ନମ୍ବର-୪ରେ ସ୍ଥାନ ଦେଇଛନ୍ତି। ଏବିଡିକୁ ବାଛିବା ପଛର କାରଣ ବ୍ୟାଖ୍ୟା କରି ସେହ୍ୱାଗ କହିଛନ୍ତି, ମୁଁ ମଧ୍ୟ ଡିଭିଲିୟର୍ସଙ୍କୁ ଖେଳିବା ପାଇଁ ମୋର ବ୍ୟାଟ ଦେଉଥିଲି ମୋତେ ଡିଭିଲିୟର୍ସଙ୍କ ୩୬୦ ସଟ୍ ପସନ୍ଦ ଆସିଥିଲା ତୃତୀୟ ନମ୍ବରରେ ସେ ପାକିସ୍ତାନର ଇଞ୍ଜାମାମ ଉଲ ହକଙ୍କୁ ସ୍ଥାନ ଦେଇଛନ୍ତି। ସେହ୍ୱାଗ ତାଙ୍କୁ ଏକଦିବସୀୟ କ୍ରିକେଟରେ ଏସିଆର ସର୍ବଶ୍ରେଷ୍ଠ ବ୍ୟାଟସମ୍ୟାନ ବୋଲି କହିଥିଲେ।

ସେହ୍ୱାଗ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକରଙ୍କୁ ଦ୍ୱିତୀୟ ସ୍ଥାନରେ ରଖିଥିଲେ ସେହ୍ୱାଗ କହିଛନ୍ତି, ସଚିନ ମୋର ଆଦର୍ଶ। ଯଦି ମୁଁ ଏଠାରେ ବସି କ୍ରିକେଟ ବିଷୟରେ କହୁଛି, ତେବେ ଏହା କେବଳ ସଚିନ ତେନ୍ଦୁଲକରଙ୍କ ଯୋଗୁ ମୁଁ ତାଙ୍କୁ ୧୯୯୨ ବିଶ୍ୱକପରୁ ଦେଖିବା ଆରମ୍ଭ କରିଥିଲି, ସେ ଟିଭିରେ ବ୍ୟାଟିଂ କରୁଥିଲେ ଏବଂ ମୁଁ ବାହାରେ ତାଙ୍କୁ କପି କରୁଥିଲି ତାଙ୍କ ସହିତ ପଡିଆରେ ଚାଲିବା ସମୟରେ ଏପରି ଅନୁଭବ ହେଉଥିଲା। ଯେପରି ତୁମେ ଜଙ୍ଗଲରେ ସିଂହ ସହିତ ଚାଲୁଛ।

ସେହ୍ୱାଗ କିମ୍ବଦନ୍ତୀ ଭାରତୀୟ ବ୍ୟାଟସମ୍ୟାନ ବିରାଟ କୋହଲିଙ୍କୁ ପ୍ରଥମ ସ୍ଥାନ ଦେଇଛନ୍ତି ଆଗାମୀ ସମୟରେ ବିରାଟ କୋହଲିଙ୍କ ପରି ସ୍ଥିର ଖେଳାଳି କ୍ୱଚିତ୍ ହେବେ।

# ୫ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇଲେ ମନୁ ଭାକର

ନୂଆଦିଲ୍ଲୀ,୧୮।୨: ଭାରତର ଷ୍ଟାର ପିସ୍ତଲ ଶୁଟର ମନୁ ଭାକର ବିବିସି ଇଣ୍ଡିଆନ ସ୍ପୋର୍ଟସମ୍ୟାନ ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ମନୁଙ୍କ ସମେତ ଏହି ପୁରସ୍କାର ପାଇଁ ୫ଜଣ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଅନ୍ୟମାନେ ହେଲେ ଗଲ୍ଫର ଅଦିତି ଅଶୋକ, ପାରା ଶୁଟର ଆଭାନୀ ଲେଖରା, ଭାରତ ମହିଳା କ୍ରିକେଟ ଉପ ଅଧିନାୟିକା ସ୍ମୃତି ମନ୍ଧାନା ଏବଂ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ।

ବିଶିଷ୍ଟ କ୍ରୀଡ଼ା ଜର୍ନାଲିଷ୍ଟ ଓ ଲେଖକମାନଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ ସମ୍ଭାବ୍ୟଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିଥିଲା ବର୍ଷରେ ଉଲ୍ଲେଖନୀୟ ଅବଦାନ ରଖିଥିବା ମହିଳା ଖେଳାଳିଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥାଏ। ୨୨ ବର୍ଷୀୟା ମନୁ ପ୍ୟାରିସ ଅଲିମ୍ପିକ୍ସରେ ଦୁଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଦେଶ ସ୍ୱାଧୀନତାପ୍ରାପ୍ତି ପରେ ଗୋଟିଏ ଅଲିମ୍ପିକ୍ସରେ ଏକାଧିକ ପଦକ ପାଇବାରେ ସେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଥିଲେ ସେ ୧୦ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଇଭେଣ୍ଟ ଏବଂ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୨୦୧୮ରେ ମନୁ ମାତ୍ର ୧୬ ବର୍ଷ ବୟସରେ ସର୍ବକନିଷ୍ଠ ଭାରତୀୟ ଭାବେ ବିଶ୍ୱକପରେ ଏକ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲେ। ମନୁ ପୂର୍ବରୁ ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ୨୦୨୧ରେ ସେ ବିବିସି ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି।

ଅନ୍ୟପୁରସ୍କାର ଜିତିଥିବା ଆଥଲେଟମାନେ ହେଲେ ତୀରନ୍ଦାଜ ଶିତଲ ଦେବୀ (ବିବିସି ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର), ପୂର୍ବତନ ଭାରତ ମହିଳା କ୍ରିକେଟ ଅଧିନାୟିକା ମିଥାଲି ରାଜ (ବିବିସି ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ) ଓ ପାରା ଶୁଟର ଆଭାନୀ (ବିବିସି ପାରା ସ୍ପୋର୍ଟସ ଓମ୍ୟାନ ଅଫ୍ ଦି ଇୟର) ଚେସ୍ ଖେଳାଳି ଟାନିଆ। ସଚଦେବଙ୍କୁ ବିବିସି ଚେଞ୍ଜମେକର ପୁରସ୍କାର ମିଳିଛି।

## ଗୌତମ ଗମ୍ଭୀରଙ୍କ ଉପରେ ଋଷଭ ପନ୍ତ ଖପ୍ପା ?

ନୂଆଦିଲ୍ଲୀ,୧୮।୨: ଟିମ୍ ଇଣ୍ଡିଆରେ ମୁଣ୍ଡ ଟେକିଛି ନୂଆ। ବିବାଦ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହେବା ଦିନଠାରୁ, ସେ ଦଳର ବିଜୟ ଅପେକ୍ଷା ବିବାଦ ଯୋଗୁ ଅଧିକ ଖବର ଶିରୋନାମାରେ ରହିଆସୁଛନ୍ତି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ସମାନ ବିବାଦ ଦେଖାଦେଇଛି। ନୂଆ ରିପୋର୍ଟ ଅନୁସାରେ, ଟିମ୍ ଇଣ୍ଡିଆରେ ସବୁକିଛି ଠିକ ଚାଲିନାହିଁ। ଉଇକେଟକିପର-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଗୌତମ ଗମ୍ଭୀରଙ୍କ ଉପରେ ବହୁତ ରାଗିଛନ୍ତି ଏହାର କାରଣ ହେଉଛି ତାଙ୍କର ନିଷ୍ପତ୍ତି ବୋଲି ଦାବି କରାଯାଉଛି। ରିପୋର୍ଟର ବିପୁଳ କଶ୍ୟପ ଦାବି କରିଛନ୍ତି ଯେ ଟିମ୍ ଇଣ୍ଡିଆର ଜଣେ ବଡ଼ ଖେଳାଳି ମୁଖ୍ୟ ପ୍ରଶିକ୍ଷକଙ୍କ ଉପରେ ରାଗିଛନ୍ତି ସେ ରାଗିଛନ୍ତି କାରଣ ସେ ରେ ଉଇକେଟକିପର-ବ୍ୟାଟ୍ସମ୍ୟାନ୍ ଭାବରେ ପ୍ରଥମ ପସନ୍ଦ ନୁହନ୍ତି ଏହି ଦାବି ପରେ ସ୍ପଷ୍ଟ ହେଉଛି ଯେ ଖେଳାଳିଜଣଙ୍କ ପନ୍ତ କାରଣ ଟିମ୍ ଇଣ୍ଡିଆର ଉଇକେଟକିପର ଭାବେ ପ୍ରଥମ ପସନ୍ଦ ହେଉଛନ୍ତି କେ ଏଲ୍ ରାହୁଲ ଯିଏ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଖେଳିବାର ନଜର ଆସିବେ ଗୌତମ ଗମ୍ଭୀର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଟିମ ଇଣ୍ଡିଆ। କେଏଲ୍‌ଙ୍କୁ ଉଇକେଟକିପର ଭାବରେ ସୁଯୋଗ ଦେବ। ଇଂଲଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ମଧ୍ୟ ଟିମ୍ ଇଣ୍ଡିଆ। ତିନୋଟି ମ୍ୟାଚ୍‌ରେ କେ ଏଲ୍ ରାହୁଲଙ୍କୁ ଉଇକେଟକିପର-ବ୍ୟାଟ୍ସମ୍ୟାନ୍ ଭାବରେ ଖେଳାଇଥିଲା ସେତେବେଳେ ପନ୍ତଙ୍କୁ ବେଞ୍ଚରେ ବିଶ୍ରାମ ନେଉଥିବା ଦେଖାଯାଇଥିଲା। ଗମ୍ଭୀର କହିଥିଲେ ଯେ ସେ ନମ୍ବର ୫ କିମ୍ବା ନମ୍ବର ୬ରେ କେଏଲ୍ ରାହୁଲଙ୍କୁ ସୁଯୋଗ ଦେବେ। ଏପରି ପରିସ୍ଥିତିରେ ସେ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ହିଁ ଋଷଭ ପନ୍ତଙ୍କୁ ପ୍ଲେଇଂ ଇଲେଭେନ୍‌ରୁ ବାହାର କରିଦେଇଥିଲେ। ଏବେ ଜଣେ ବଡ଼ ରିପୋର୍ଟରଙ୍କ ଦାବି ଅନୁସାରେ, ପନ୍ତ ଏଥିରେ ରାଗିଛନ୍ତି।

# ଭାରତକୁ ଲାଗିଲା ବଡ଼ ଝଟ୍‌କା

ଦୁବାଇ,୧୮।୨: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିବାକୁ ଦୁବାଇରେ ପହଞ୍ଚି ସାରିଛି ଟିମ୍ ଇଣ୍ଡିଆ। ହେଲେ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଦଳକୁ ଲାଗିଛି। ବଡ଼ ଝଟ୍‌କା ଭାରତର ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲ ହଠାତ ଦକ୍ଷିଣ ଆଫ୍ରିକା ଫେରିଯାଇଛନ୍ତି।



ସେ ଶନିବାର ଭାରତୀୟ ଦଳ ସହିତ ଦୁବାଇରେ ପହଞ୍ଚିଥିଲେ ବୁଧବାରଠାରୁ ଆରମ୍ଭ ହେଉଥିବା ପୂର୍ବରୁ ପ୍ରାରମ୍ଭିକ ଅଭ୍ୟାସ ଅଧିବେଶନରେ ମଧ୍ୟ ଉପସ୍ଥିତ ଥିଲେ। ହେଲେ ସୋମବାର ଦ୍ୱିତୀୟ ଅଭ୍ୟାସ ଅଧିବେଶନରେ ମୋର୍କେଲ ଦଳ ସହିତ ନ ଥିଲେ। ଜସପ୍ରିତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଟିମ୍ ଇଣ୍ଡିଆର ବୋଲିଂକୁ ମଜବୁତ କରିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ଏପରି ପରିସ୍ଥିତିରେ ପାରିବାରିକ କାରଣରୁ ତାଙ୍କର ହଠାତ୍ ସ୍ୱଦେଶକୁ ଫେରିଯିବା ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟ୍‌କା ପାଲଟିଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୋର୍କେଲଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି ଏହି କାରଣରୁ ତାଙ୍କୁ ଶୀଘ୍ର ଦୁବାଇରୁ ଦକ୍ଷିଣ ଆଫ୍ରିକା ଫେରିବାକୁ ପଡିଛି ଗତ ବର୍ଷ ସେପ୍ଟେମ୍ବରରେ ପୂର୍ବତନ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ମୋର୍କେଲଙ୍କୁ ଟିମ ଇଣ୍ଡିଆର ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ଗତ ଛଅ ମାସ ଧରି ସେ ଟିମ୍ ଇଣ୍ଡିଆର ଦ୍ରୁତ ବୋଲରମାନଙ୍କ ସହିତ କାମ କରୁଛନ୍ତି ଭାରତର ପ୍ରମୁଖ ପେସର ଜସପ୍ରିତ ବୁମ୍‌ରା ଆଘାତ ଯୋଗୁ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ଫଳରେ ମହମ୍ମଦ ଶାମି, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣାଙ୍କ କାନ୍ଧରେ ପେସ ଆକ୍ରମଣର ଦାୟିତ୍ୱ ରହିଛି। ସେହିଭଳି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳର ଚତୁର୍ଥ ବିକଳ୍ପ ଅଟନ୍ତି।

କହିରଖୁଛୁ, ଭାରତୀୟ ଦଳ ଗ୍ରୁପ ରେ ସ୍ଥାନ ପାଇଛି। ଯେଉଁଥିରେ ତାଙ୍କ ସହିତ ପାକିସ୍ତାନ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଦଳ ଅଛନ୍ତି। ଭାରତକୁ ଫେବୃଆରୀ ୨୦ ତାରିଖରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ ଦ୍ୱିତୀୟ ମ୍ୟାଚ୍ ୨୩ ଫେବୃଆରୀରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯିବ ଟିମ ଇଣ୍ଡିଆ। ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ।

# ସର୍ତ୍ତ ସହ କ୍ରିକେଟରଙ୍କ ପରିବାରକୁ ମିଳିଲା ଅନୁମତି

ମୁମ୍ବାଇ,୧୮।୨: ୨୦୨୫ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାରତୀୟ କ୍ରିକେଟରମାନେ ସେମାନଙ୍କ ପରିବାରକୁ ଗୋଟିଏ ମ୍ୟାଚ୍ ପାଇଁ ସାଥିରେ ନେଇପାରିବେ ବୋଲି ଜଣାପଡ଼ିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଯୋଗ୍ୟତା ଅର୍ଜନ କଲେ ସେମିଫାଇନାଲ ଏବଂ ଫାଇନାଲ ସମେତ ଦୁବାଇରେ ଆଇସିସି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳିବ।



ଗତ ମାସରେ, ରିପୋର୍ଟ ପ୍ରକାଶ ପାଇଥିଲା ଯେ ବିସିସିଆଇ ବର୍ଡର-ଗାଭାସ୍କର ଟ୍ରଫି ପରେ ଭାରତୀୟ କ୍ରିକେଟରମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଶୃଙ୍ଖଳା ଫେରାଇ ଆଣିବା ପାଇଁ ୧୦ ପଏଣ୍ଟ୍ ନିର୍ଦ୍ଦେଶାବଳୀ ଜାରି କରିଛି ନିର୍ଦ୍ଦେଶାବଳୀରେ ଟୁର୍ ସମୟରେ ଖେଳାଳିଙ୍କ ସହିତ ପରିବାର ଲୋକେ କମ୍ ସମୟରହିପାରିବେ। ଯେତେବେଳେ କି ୪୫ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାପୀ ଥିବା ଗସ୍ତ ପାଇଁ, ଜଣେ ଖେଳାଳିଙ୍କ ପରିବାର ତାଙ୍କ ସହିତ ଦୁଇ ସପ୍ତାହ ପର୍ଯ୍ୟନ୍ତ ରହିପାରିବେ।

ଦୈନିକ ଜାଗରଣ ବିସିସିଆଇର ଏକ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ, ଯଦି ଜଣେ ଖେଳାଳି ଚାହାଁନ୍ତି, ତେବେ ସେ ତାଙ୍କ ପରିବାରକୁ ଗୋଟିଏ ମ୍ୟାଚ୍ ପାଇଁ ଦୁବାଇ ନେଇପାରିବେ।

ଭାରତକୁ ଗ୍ରୁପ୍ ରେ ବାଂଲାଦେଶ, ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ସହିତ ରଖାଯାଇଛି। ଦଳ ଫେବୃଆରୀ ୨୦ ରେ ବାଂଲାଦେଶ ସହିତ ମୁକାବିଲା କରି ଅଭିଯାନ ଆରମ୍ଭ କରିବ ଏବଂ ଫେବୃଆରୀ ୨୩ ରେ ପାକିସ୍ତାନ ସହିତ ବ୍ଲକବଷ୍ଟର ମୁକାବିଲା ହେବ ଏବଂ ମାର୍ଚ୍ଚ ୨ ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ସେମାନଙ୍କର ଗ୍ରୁପ୍ ଅଭିଯାନ ଶେଷ କରିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ